ସମ୍ପାଦକୀୟ

# ଚାଷରେ ଲାଭ ଦେଶକୁ ଶୁଭ



ବର୍ତ୍ତମାନ କୃଷିଜାତ ସାମଗ୍ରୀ ଓ ଖାଦ୍ୟଦ୍ରବ୍ୟର ଅହେତୁକ ମୂଲ୍ୟବୃଦ୍ଧି ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଥିଲା ବେଳେ କୃଷିକ୍ଷେତ୍ରରେ ବ୍ୟବହୃତ ସାମଗ୍ରୀର ଦରବୃଦ୍ଧି ଚାଷୀକୂଳକୁ ହତୋତ୍ସାହ କରିଦେଇଛି । ସଂସ୍କାରମୁଖୀ ଅର୍ଥନୀତି, ଜଗତିକରଣ, ରପ୍ତାନୀ ଆମଦାନୀ ନୀତି ଏବଂ ସର୍ବୋପରି ବିଶ୍ୱ ବାଣିଜ୍ୟ ସଂଗଠନର ମାନି ନିଆଯାଇଥିବା ସର୍ତ୍ତାବଳୀଗୁଡ଼ିକ କୃଷି, କୃଷକ ଓ କୃଷିଶ୍ରମିକଙ୍କ ଉପରେ କି ପ୍ରକାର କୁପ୍ରଭାବ ପକାଉଛି, ସେ ସଂପର୍କରେ ଆଲୋଚନା କରିବାକୁ କେହି ପ୍ରସ୍ତୁତ ନୁହନ୍ତି ।

ମାତ୍ର ଆର୍ଥିକ ସଂସ୍କାର ନାମରେ ବିଦେଶରୁ କୃଷିଜାତ ସାମଗ୍ରୀ ଆମଦାନୀ ଉପରେ ଲାଗୁ ହୋଇଥିବା କଟକଣା କୋହଳ କରିବା ଯୋଗୁଁ ଚାଷୀ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇ ପାରୁନାହିଁ । ଚାଷୀର ବାସ୍ତବ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଉ ନଥିବାରୁ ମୁଣ୍ଡଝାଳ ତୁଣ୍ଡେମାରି ସବୁରି ପେଟକୁ ଦାନା ଯୋଗାଉଥିବା ଚାଷୀ ବାପୁଡ଼ା ସମାଜରେ ସବୁଠୁଁ ଅଧିକ ଦୁଃଖୀ ହୋଇପଡ଼ିଛି । ଚାଷୀର ସ୍ୱାଭିମାନ ହେଉଛି ଚାଷ । ଆଜି ତାହା ଯେଉଁ ପ୍ରକ୍ରିୟାରେ ଭୁଷୁଡ଼ିବାକୁ ବସିଲାଣି ଭବିଷ୍ୟତରେ ଯେ ପରିସ୍ଥିତି ବିଷମ ନହେବ ସେକଥା କିଏ କହିବ ?

ଆମେ ଜାଣିଛେ ବଜାର ଦର ଚାହିଦା ସହ ତାଳଦେଇ ସାଧାରଣ ଜନତାର କ୍ରୟ ଶକ୍ତି ବଢ଼ି ନଥାଏ କି କୃଷି ଜାତ ଦ୍ରବ୍ୟ ବଜାର ଚାହିଦା ଅନୁସାରେ ଉତ୍ପାଦିତ ହୋଇ ନଥାଏ । 'ଟଙ୍କା ଗଛରେ ଫଳେନି' ଆପ୍ତବଚନ ଯେତିକି ସତ୍ୟ; କୃଷିଜାତ ସାମଗ୍ରୀ ଟଙ୍କା ଭଳି କାରଖାନାରେ ଉତ୍ପାଦିତ ନ ହୋଇ ଗଛରେ ଯେ ଫଳେ, ତାହା ଧ୍ରୁବ ସତ୍ୟ ।

ଏବେ ଆମରାଜ୍ୟରେ ପ୍ରାୟ ୪୦ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ପରିବାର ବାସ କରୁଛନ୍ତି । ଏମାନଙ୍କ ମଧ୍ୟରେ ୨୩ ଲକ୍ଷ ଅତି କ୍ଷୁଦ୍ର ଚାଷୀ, ୧୧ଲକ୍ଷ କ୍ଷୁଦ୍ରଚାଷୀ, ୫ଲକ୍ଷ ମଧ୍ୟମ ଧରଣର ଚାଷୀ ଓ ୦.୧୩ ବଡ଼ଚାଷୀ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ ଚାଷୀ ସରକାରଙ୍କ ଦ୍ୱାରା ପ୍ରତିବର୍ଷ ଧାର୍ଯ୍ୟ / ଘୋଷିତ ହେଉଥିବା କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବିଷୟରେ ଜାଣନ୍ତି ନାହିଁ । ଏହାର କାରଣ ହେଉଛି ବହୁ ସମୟରେ ବ୍ଲକ୍ ଅଫିସ୍ ମାଧ୍ୟମରେ ଆସୁଥିବା କୃଷି ସଂପର୍କିତ ଯୋଜନାର ସୂଚନା ଚାଷୀମାନଙ୍କ ନିକଟରେ ପହଞ୍ଚି ପାରେନାହିଁ । ଧାନ ବିକ୍ରି ପାଇଁ ଉଦ୍ଦିଷ୍ଟ ମଣ୍ଡିଗୁଡ଼ିକ ପଞ୍ଚାୟତଠାରୁ ବହୁତ ଦୂରରେ ଥିବାରୁ ଚାଷୀମାନଙ୍କ ପାଇଁ ଏହା ସମୟସାପେକ୍ଷ ଓ ଖର୍ଚ୍ଚ ବହୁଳ ହୋଇଥାଏ । ଫଳରେ ଚାଷୀମାନେ ସେମାନଙ୍କ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ଦରରେ ବିକିବାକୁ ଆଗ୍ରହ ନରଖି ଘରପାଖରେ କି ଦୁଆର ମୁହଁରେ ସ୍ଥାନୀୟ ବେପାରୀକୁ ଢେର୍ ଶସ୍ତାରେ ବିକିଥାନ୍ତି । ମଣ୍ଡିରେ ଧାନ ବିକିବା ପାଇଁ 'କୃଷକ ପରିଚୟ ପତ୍ର' ଏବଂ ଆର୍.ଆଇ.ଙ୍କ ସ୍ୱୀକୃତି ଏକ ଜଟିଳ ପ୍ରକ୍ରିୟା ବୋଲି ଚାଷୀମାନେ କହନ୍ତି । ତେଣୁ ଆଇନ୍‌ର ଅର୍ଗଳି ଭିତରକୁ ନ ପଶି ଖାଦ୍ୟଶସ୍ୟର ଅଭାବୀ ବିକ୍ରି କରିବାକୁ ସେମାନେ ବାଧ୍ୟ ହୋଇଥାନ୍ତି ।

ପୁଣି ସରକାର ଏହି ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିବା ସମୟରେ କୃଷି ଉତ୍ପାଦନକାରୀ / ଚାଷୀମାନଙ୍କର ପରାମର୍ଶ ନେଇ ନଥା'ନ୍ତି । ବ୍ୟବସ୍ଥା ନିର୍ଦ୍ଧାରଣରେ ଚାଷୀମାନେ ସଂପୃକ୍ତ ନଥିବାରୁ ସରକାରୀ ନୀତି କ'ଣ, କାହିଁକି, ସେଥିପ୍ରତି ସେମାନେ ଗୁରୁତ୍ୱ ନଦେବା ସ୍ୱାଭାବିକ । ବିଭିନ୍ନ ଫସଲ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାନକ ଚାଷୀ ପ୍ରୟୋଗ କରି ନଥାଏ । ଯଦ୍ଦ୍ୱାରାକି ସର୍ବନିମ୍ନ ସହାୟକ ମୂଲ୍ୟର ହିତାଧିକାରରୁ ବଂଚିତ ହୋଇଥାଏ ବୋଲି ସଂଗ୍ରହକାରୀ ସଂସ୍ଥାଗୁଡ଼ିକର ମତ । ଅନ୍ୟ ପକ୍ଷରେ ଧାନ ସଂଗ୍ରହକାରୀ ସଂସ୍ଥା ଏବଂ କୃଷକ ବଜାରଗୁଡ଼ିକ ବିଭିନ୍ନ କାରଣରୁ ଚାଷୀମାନଙ୍କ ଆବଶ୍ୟକତା ପୂରଣ କରିବାରେ ସଫଳ ହୋଇ ପାରି ନଥାନ୍ତି । ଏଥି ସାଙ୍ଗକୁ ନିୟନ୍ତ୍ରିତ ବଜାର କମିଟି ପାଖରେ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ, କୃଷି ଯୋଜନା ତଥା ସର୍ବନିମ୍ନ ସହାୟକ ମୂଲ୍ୟ ସଂପର୍କିତ ସୂଚନାର ଅଭାବ ଯୋଗୁଁ ଚାଷୀଟି କ୍ଷତିର ଶିକାର ହୋଇଥାଏ ।

ତେଣୁ ଏ ସବୁ ଦିଗରେ ସୁଧାର ଆଣିବା ସହ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ସଂପର୍କିତ ନିୟମିତ ସୂଚନା ପହଞ୍ଚାଇବାରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କୃଷିଶିଳ୍ପର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ । କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପରିବର୍ତ୍ତେ ଲାଭକାରୀ ମୂଲ୍ୟ ନିର୍ଦ୍ଧାରଣ କରାଗଲେ ଚାଷ ପ୍ରତି ଲୋକ ଉତ୍ସାହିତ ହେବେ । କାରଣ ଚାଷରେ ଲାଭ ହିଁ କେବଳ ରାଜ୍ୟ ନୁହେଁ ସାରା ଦେଶପାଇଁ ଯେ ଶୁଭଦାୟକ, ଏଥିରେ ସନ୍ଦେହ ନାହିଁ ।

ଅନୁପମା ଦାସ

# ବିପର୍ଯ୍ୟସ୍ତ କୃଷି : ସମାଧାନର୍ କିଛି ବିକଳ୍ପ ଦିଗ

- ରବିନାରାୟଣ ଜେନା

'ଅନ୍ନ ହିଁ ପରମ ବ୍ରହ୍ମ' । ଏହି ଅନ୍ନ ରୂପକ ବ୍ରହ୍ମର ଉପଲବ୍ଧି ପାଇଁ ଯିଏ ଦାୟୀ ସେ ଉତ୍ପାଦକ, କୃଷକ । ପରୋକ୍ଷରେ ଅନ୍ନଦାତା ଭଗବାନ । ସେଥିପାଇଁ ଭାରତୀୟ ପରମ୍ପରାରେ କୃଷକଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯାଉଥିଲା ।

ଏକଦା ରାଜେନ୍ଦ୍ର ପ୍ରସାଦଙ୍କ ନେତୃତ୍ୱରେ ଚମ୍ପାରଣ ନୀଳଚାଷୀମାନଙ୍କ ସମସ୍ୟା, ଗୁଜରାଟର ଖେଡ଼ା ଅଞ୍ଚଳରେ କୃଷକମାନଙ୍କର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । 'ଚାଷୀର ସମ୍ବଳ ମକର ଚାଉଳ' ଭାବର ସ୍ରଷ୍ଟା ହରେକୃଷ୍ଣ ମହତାବ ଗୋପବନ୍ଧୁ ଦାଶଙ୍କ ପଦାଙ୍କ ଅନୁସରଣରେ ଓଡ଼ିଶାର ବିପର୍ଯ୍ୟସ୍ତ କୃଷକ ସମସ୍ୟାର ଉପସ୍ଥାପନ କରିଥିଲେ । ଉତ୍ତର ଭାରତର ଚୌଧୁରୀ ଚରଣ ସିଂ ଏବଂ ରାଜ ମନୋହର ଲୋହିଆ ପ୍ରମୁଖଙ୍କ କୃଷକ ଓ କୃଷି ବିଷୟକ ସଂପୃକ୍ତି, ରାଷ୍ଟ୍ରର ପ୍ରମୁଖ ବିଷୟ ଭାବେ ଗୁରୁତ୍ୱ ପାଇଥିଲା । ଗାନ୍ଧିଜୀ କୃଷିଭିତ୍ତିକ ଏହି ସମସ୍ୟାଗୁଡ଼ିକୁ ଗୁରୁତ୍ୱ ଦେବା ସହ ଏସବୁର ସମାଧାନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ ।

କିନ୍ତୁ ଦେଶ ସ୍ୱାଧୀନତାର କିଛି କାଳ ପରେ, ଆମ ଲୋକତନ୍ତ୍ରର ଅଗ୍ରାଧିକାର ସମସ୍ୟାଗୁଡ଼ିକରୁ ଶିଥିଳ ନେତୃତ୍ୱ ଓ ନୌକର ସାହିର ପ୍ରାବଲ୍ୟ ଯୋଗୁଁ କୃଷକମାନଙ୍କ ସମସ୍ୟାକୁ ଗୌଣ କରି ଦେଖା ହୋଇଛି । ଏବେ ଏହା ଅତି ଚରମ ସ୍ତରରେ ପହଞ୍ଚିବା ଘୋର ଉଦ୍‌ବେଗର ବିଷୟ । ଆମ ଭଳି ଗଣମାଧ୍ୟମ ସହ ସମ୍ପର୍କ ଥିବା ତଥାକଥିତ ଶିକ୍ଷିତ ଗୋଷ୍ଠୀ, ଶାସକ ଗୋଷ୍ଠୀ ଓ ରାଜନୀତିର କର୍ଣ୍ଣଧାରମାନେ ଚାଷୀର ଭୂମିକାକୁ ଅତି ଗୌଣ ବୋଲି ଧରି ନେଲେଣି । କୃଷକମାନଙ୍କୁ ସାମୁହିକ ଭାବେ ଅବହେଳା ପ୍ରଦର୍ଶନ ଫଳରେ, ସମାଜର ସାଧାରଣ ବର୍ଗର କୃଷକର ସ୍ଥିତି ବର୍ତ୍ତମାନ 'ଗୋଡି' ସ୍ତରକୁ ଆସିଯାଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ଶିଳ୍ପର ବିକାଶ ପାଇଁ ଗୁରୁତ୍ୱ ଦେବା ଭଲ । ମାତ୍ର ଶିଳ୍ପଜାତ ପଦାର୍ଥରୁ ଆମେ କେବେହେଲେ ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କରିପାରିବା ନାହିଁ । ଲୌହ, ଆଲୁମିନିୟମ୍ କି ମଟର ତିଆରି କାରଖାନା ବା ତୈଳ ବିଶୋଧନାଗାର ପ୍ରତିଷ୍ଠା ଦ୍ୱାରା ଅବଶ୍ୟ ସେଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ଏବଂ ରାଜ୍ୟର ଆୟ କିଛିଟା ବଢ଼ିଯିବ । କିନ୍ତୁ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବାକୁ ହେଲେ ଆମକୁ କୃଷି ଉପରେ ହିଁ ନିଶ୍ଚୟ ନିର୍ଭର କରିବାକୁ ହେବ । ବର୍ତ୍ତମାନର ବିପର୍ଯ୍ୟସ୍ତ କୃଷି କ୍ଷେତ୍ରରେ କିଛିଟା ସୁଧାର ଆଣିବାକୁ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ପଡ଼ିବ ।**

ସମ୍ବିଧାନ ପ୍ରଣେତାମାନେ ଦେଶରେ ନ୍ୟାୟନିଷ୍ଠ ସମାଜ ପ୍ରତିଷ୍ଠା ପାଇଁ ପରିକଳ୍ପନା କରିଥିଲେ ହେଁ ଆଜି କୃଷକ ସମାଜ ଶିକ୍ଷିତ, ସହରୀ, ଲୋଭୀ ରାଜନେତା ଏବଂ କର୍ମଚାରୀଙ୍କ ଚକ୍ରାନ୍ତରେ ଅତିମାତ୍ରାରେ ନିର୍ଯ୍ୟାତିତ ହୋଇଛି । ଏ ବିଷୟରେ ଅଧିକ ତର୍ଜମା ବା ଆଲୋଚନା ଅନାବଶ୍ୟକ । ତେବେ କୃଷକମାନଙ୍କ ଏହି ଦୁଃସ୍ଥିତିରେ ସୁଧାର ଆଣିବା ପାଇଁ ଏବେଠାରୁ କିଛି ଦୃଢ଼ ଓ ଆଶୁ ଦୃଷ୍ଟିଭଂଗୀ ଗ୍ରହଣ କରିବାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି । ଏ ଦିଗରେ ସଂକ୍ଷେପରେ ଆଲୋଚନା ଓ ଅବତାରଣା ଏହି ଲେଖାର ଉଦ୍ଦେଶ୍ୟ ।

ଉତ୍ପାଦିତ ଧାନ, ଗହମ, ମାଣ୍ଡିଆ, କପା, ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ, ଆଖୁ, ମୁଗ, ବିରି, ଆଳୁ, ପିଆଜ ଓ ସଂଗୃହିତ ମହୁଲ, ଟୋଲ, ଶାଳମଞ୍ଜି ଓ ଜଙ୍ଗଲଜାତ ଦ୍ରବ୍ୟର ନାର୍ଯ୍ୟ ମୂଲ୍ୟ ପ୍ରଦାନ ହିଁ କୃଷକ ପ୍ରତି ହେବ ସର୍ବ ପ୍ରଥମ କର୍ତ୍ତବ୍ୟ । ଅନେକ ଦିନ ଧରି ଦେଶର କର୍ମଚାରୀ, ବିଧାୟକ, ସାଂସଦମାନଙ୍କ ଦରମା ଓ ଭତ୍ତାର ଚକ୍ରବୃଦ୍ଧିହାରରେ ପରିବର୍ତ୍ତନ ହେଉଥିଲେ ହେଁ ଏବେ କୃଷକକୁ ଉତ୍ପାଦନର ଅଧା ଖର୍ଚ୍ଚ ମଧ୍ୟ ଶସ୍ୟ ବିକ୍ରୟରୁ ମିଳୁନଥିବା ସମସ୍ତଙ୍କୁ ଜଣା । ପୁଣି ଏହା ମଧ୍ୟସ୍ଥ ମିଲ୍ ମାଲିକମାନଙ୍କ ମାର୍ଫତରେ ଛାଡ଼ି ଦିଆଯାଇଛି । ବର୍ତ୍ତମାନ କୃଷକମାନଙ୍କ ପ୍ରତି ଅବିଚାର ସାମାଜିକ ଓ ଅର୍ଥନୈତିକ ଅସନ୍ତୁଳନ ଭଳି ଗମ୍ଭୀର ସମସ୍ୟାର ଏକ କାରଣ ହୋଇଛି ।

ଆଜି ଖାଦ୍ୟ ପାଇଁ କାମ, ନିଶ୍ଚିତ କର୍ମଯୋଗାଣ, ଅନ୍ନପୂର୍ଣ୍ଣା, ବି.ପି.ଏଲ୍ ଚାଉଳ/ଗହମ ଯୋଗାଣ, ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ଭୋଜନ ବ୍ୟବସ୍ଥା ଆଦିରେ ପଞ୍ଚାୟତ ସ୍ତରରେ

ସରକାରଙ୍କର ବ୍ୟାପକ ଖାଦ୍ୟଶସ୍ୟ କ୍ରୟର ଆବଶ୍ୟକତା ରହିଛି । ପ୍ରତି ବ୍ଲକ୍‌ରେ ସରକାରଙ୍କର ବର୍ଷକ ପାଇଁ ଯେଉଁ ଚାଉଳ ଆବଶ୍ୟକ, ତାହା ସୀମିତ ଗୋଦାମ ବ୍ୟବସ୍ଥା କାରଣରୁ, ପ୍ରତି ୪ ମାସରେ ଥରେ କିସ୍ତିଓ୍ୱାରୀ ଚାଷୀଙ୍କଠାରୁ କିଣିବା ଆବଶ୍ୟକ । ଏହି ଚାଉଳକୁ ପଞ୍ଚାୟତ ବା ବ୍ଲକ୍/ଆଞ୍ଚଳିକ ଗୋଦାମମାନଙ୍କରେ ଗଚ୍ଛିତ ରଖି, ସେଠାରୁ ସରକାରୀ ପ୍ରକଳ୍ପମାନଙ୍କରେ ଉପଯୋଗ କରିହେବ । ଫଳରେ କେନ୍ଦ୍ରୀତ ମହଜୁଦିକରଣ (ଷ୍ଟୋରେଜ୍) ବ୍ୟବସ୍ଥାରେ ପରିବହନ ଓ ପାରିପାର୍ଶ୍ୱିକ କ୍ଷୟକ୍ଷତି ଭଳି ଖର୍ଚ୍ଚ ବହୁଳତାକୁ ଏଡ଼ାଇ ହେବ । ମିଲ୍ ମାଲିକଙ୍କ ମଧ୍ୟସ୍ଥତା ଓ ପ୍ରକ୍ରିୟାକରଣ ଭଳି ଜଟିଳ ସମସ୍ୟା ମଧ୍ୟ ଦୂର କରାଯାଇପାରିବ ।

ଅନ୍ୟପକ୍ଷରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନରେ 'ରନ୍ଧନ' ବ୍ୟବସ୍ଥାକୁ ଏଡାଇ ସ୍ଥାନ ବିଶେଷରେ ବିକଳ୍ପ ଭୋଜନ ବ୍ୟବସ୍ଥା ଯଥା : ଗୁଡ଼, କଦଳୀ, ଚୁଡ଼ା ଓ ପାଉଁରୁଟି, କ୍ଷୀର ଭଳି ପ୍ରକ୍ରିୟାକୃତ ଶୁଖିଲା ଖାଦ୍ୟ ମାଧ୍ୟମରେ ଦିଆଯାଇ ପାରିଲେ ପିଲାମାନେ ପୁଷ୍ଟିଖାଦ୍ୟ ପାଇପାରିବେ ଏବଂ ବ୍ଲକ୍‌ରେ ଥିବା ଚୁଡ଼ାକଳ, ପାଉଁରୁଟି ଭାଟି ଓ ଦୁଗ୍ଧ ଉତ୍ପାଦନକାରୀମାନେ କାମ ପାଇପାରିବେ ।

ବ୍ଲକ୍ ସ୍ତରରେ କିସ୍ତିଓ୍ୱାରୀ ଚାଉଳ କିଣାଗଲେ, ଗାଁ ଗଣ୍ଡାର ହଳରମାନେ ବର୍ଷତମାମ କାମ ପାଇବା ସାଙ୍ଗକୁ କୃଷିଜୀବୀ ପରିବାରମାନେ ଉଷୁନା ହେଉ ବା ଅରୁଆ ହେଉ, ଧାନକୁ ଚାଉଳ କିମ୍ବା ଚୁଡ଼ା ଆକାରରେ ପରିଣତ କରିବା ଆବଶ୍ୟକ । ଫଳରେ ବର୍ଦ୍ଧିତ ଶ୍ରମନିୟୋଜନ ହେତୁ, ନିଶ୍ଚିତ ଅଧିକ ଆୟ କରିବାର ବାଟ ଫିଟିପାରିବ । ଏଥିସହ ଉପଭୋକ୍ତାମାନଙ୍କୁ ଉଦ୍ଦିଷ୍ଟ ସରକାରୀ ପ୍ରକଳ୍ପ ମାଧ୍ୟମରେ ଟଟକା ଚୁଡ଼ା ଓ ଚାଉଳ ମଧ୍ୟ ମିଳିପାରିବ ।

ଗ୍ରାମାଞ୍ଚଳର ପ୍ରତି ବ୍ଲକ୍‌ର ଆବଶ୍ୟକ ସରକାରୀ ଖାଦ୍ୟଶସ୍ୟ ସ୍ଥାନୀୟ କ୍ରୟ/ସଂଗ୍ରହରୁ ଭରଣା ହେବା ପରେ ଯଦି ସଂଗୃହିତ ବଳକା ଖାଦ୍ୟଶସ୍ୟ ରହିଯାଏ, ତାହାକୁ ନିକଟସ୍ଥ ସହରାଞ୍ଚଳସ୍ଥ ବଡ଼ ସରକାରୀ ଗୋଦାମ ଘରକୁ ନିଆଯାଇ ସହର ଲୋକଙ୍କ ଆବଶ୍ୟକତା ପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦିଆଯାଇପାରିବ । ଫଳରେ ବ୍ୟାପକ ବିପଣନ ଅନ୍ତର୍ଗତ ସମଗ୍ର ଖାଦ୍ୟଶସ୍ୟକୁ କେନ୍ଦ୍ରିତ ମହଜୁଦିକରଣଜନିତ ଅସୁବିଧାକୁ ଏଡ଼ାଇ ଦିଆଯାଇପାରିବ । ଏଥିସହ ଦେଶର ସବୁ ଅଞ୍ଚଳର ଚାଷୀଙ୍କୁ ଫସଲ ନିମନ୍ତେ ଅଧିକ ମୂଲ୍ୟ ଦେବା ପାଇଁ ଅର୍ଥବରାଦ ସୁଗମ ହେବ ।

ଯେତେବେଳେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରାଯାଉଛି, ସେତେବେଳେ ଧାନ, ଚାଉଳର ଉତ୍ପାଦନ / ପ୍ରକ୍ରିୟାକରଣ ଖର୍ଚ୍ଚକୁ ବିଚାରକୁ ନେଇ, ସଂଗ୍ରହ ମୂଲ୍ୟର ପୁନଃ ନିର୍ଦ୍ଧାରଣ ଅପରିହାର୍ଯ୍ୟ । ଜଣେ ସରକାରୀ କର୍ମଚାରୀ, ଜଣେ କମ୍ପାନୀ କର୍ମଚାରୀ ବା ବ୍ୟାଙ୍କ୍ କର୍ମଚାରୀ, ମାସକୁ ଦଶରୁ ପନ୍ଦର ହଜାର ଟଙ୍କା ପାଉଥିଲା ବେଳେ ଚାଷୀଟିଏ ବର୍ଷକରେ ନିଜ ଫସଲରୁ ଅତି କମ୍‌ରେ କୋଡ଼ିଏ ହଜାର ଟଙ୍କା ପାଉନଥିବା ଏକ ସାଧାରଣ କଥା ହୋଇଛି । ତେଣୁ କୃଷକର ମେରୁଦଣ୍ଡ ସଳଖ କରିବା ପାଇଁ ଚାଉଳ କିଲୋ ୨୦ଟଙ୍କା ଓ ବାଇଗଣ କିଲୋ ପନ୍ଦର ଟଙ୍କା ହେଲେ ସେଠାରେ ଅନ୍ୟାୟ କେଉଁଠି ହେବ ? ସରକାର ଓ ସଚେତନ ଲୋକ ପ୍ରତିନିଧି, ତଥା ନାଗରିକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ଆକଳନ ପାଇଁ କୁର୍ସିଧାରୀ ବିଶେଷଜ୍ଞଙ୍କ ପରିବର୍ତ୍ତେ ପ୍ରକୃତ ସମସ୍ୟାକୁ ବୁଝିଥିବା ଅଭିଜ୍ଞତାସମ୍ପନ୍ନ କୃଷକ ପ୍ରତିନିଧିମାନଙ୍କ ପରାମର୍ଶରେ କୃଷି ଉତ୍ପାଦନର ପୁନଃ ମୂଲ୍ୟାୟନ ଏବଂ ବିପଣନର ସୁଧାର ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ।

ପୁଣି କୃଷିର ବିକାଶ ତଥା ସମ୍ପ୍ରସାରଣ ପାଇଁ ଅର୍ଥ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଧାନଚାଷ ଶାରଦ ବା ରବି ଋତୁରେ ହେଉ ବର୍ଷରେ ଥରେ ହେବ । ସେହିଭଳି ମୁଗ, ବିରି, ଆଖୁ, ଗହମ, ଝୋଟ କନ୍ଦମୂଳ ଇତ୍ୟାଦି । ନଡ଼ିଆ, କଦଳୀ, ଅମୃତଭଣ୍ଡାକୁ ଛାଡ଼ିଦେଲେ ପଣସ, ତରଭୁଜ, ଆମ୍ବ, ସପୁରୀ ମଧ୍ୟ ଏହି ପର୍ଯ୍ୟାୟର । ବର୍ଷକୁ ଗୋଟିଏ ଋତୁରେ ହିଁ ଫଳିବ । ଏ ସମସ୍ତ ଫସଲ ଓ ଫଳ, ପନିପରିବାର ଅଧିକ ଉତ୍ପାଦନ ତଥା ବ୍ୟାପକ ପ୍ରକ୍ରିୟାକରଣ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ବା ମୂଳଧନ ବରାଦରେ, ଆର୍ଥିକ ସଂସ୍ଥା ବା ବ୍ୟାଙ୍କଗୁଡ଼ିକର ସକ୍ରିୟ ଭୂମିକା ରହିଛି । ପୂର୍ବର କୃଷିଭିତ୍ତିକ ସମବାୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ଆଜିର ନାବାର୍ଡ ଭଳି କୃଷିଭିତ୍ତିକ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା, କୃଷି ଋଣରେ ସରଳସୁଧ ଲାଗୁ କରିବା । କିନ୍ତୁ ଆଜି ଷ୍ଟେଟ୍‌ବ୍ୟାଙ୍କ୍ ଓ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନେ କୃଷିଋଣରେ ସୁଧ ଆଦାୟ ଏବଂ ତିନିମାସରେ ଥରେ ସୁଧ ହିସାବ କରିବା କୃଷକଙ୍କ ପାଇଁ ଏକ ବଡ଼ ବିପତ୍ତି ହୋଇଛି । ନାବାର୍ଡ ଅଧୀନସ୍ଥ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କ ଏହି ନୀତି ହେତୁ କୃଷକମାନଙ୍କ ଆର୍ଥିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି ।

ହୋଟେଲ୍ ଶିଳ୍ପ, ପର୍ଯ୍ୟଟନ ଶିଳ୍ପ ବା ସାଧାରଣ ବ୍ୟବସାୟରେ ଅର୍ଥ ବିନିଯୋଗ କରାଯିବା ପରଠୁଁ ଆଦାୟ ମିଳିପାରୁଥିବାରୁ ଏ ସବୁରେ ଚକ୍ରବୃଦ୍ଧି ସୁଧ ଯୁକ୍ତିସଙ୍ଗତ । ମାତ୍ର ଗହମ, ଧାନ ଇତ୍ୟାଦିର ଚାଷ ଏକ ଜୈବ ସଂପର୍କିତ କାର୍ଯ୍ୟକ୍ରମ । ମୂଳଧନ ଖଟାଇ ମଇ, ଜୁନ୍ ମାସରେ ଧାନ

*ଅବଶିଷ୍ଟାଂଶ ପୃଷ୍ଠା-୯ରେ.....*

# ସର୍ବନିମ୍ନ ସହାୟକ ମୂଲ୍ୟ ଓ ଏହାର୍ ଉପାଦେୟତା

ଆମେ ସମସ୍ତେ ଜାଣୁ ଯେ ଆମ ଭାରତ ଏକ କୃଷି ପ୍ରଧାନ ଦେଶ ଓ ଦେଶର ବିଭିନ୍ନ ଭାଗରେ ଅଧିକାଂଶ ଲୋକଙ୍କର ଆୟର ପ୍ରଧାନ ପନ୍ଥା ହେଉଛି କୃଷି । ଏହି ଦୃଷ୍ଟିରୁ କୃଷି ଓ କୃଷକର ବିକାଶ ଦେଶର ବିକାଶ ଘଟାଇବାକୁ ହେଲେ ନିତ୍ୟାନ୍ତ ଆବଶ୍ୟକ । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି କୃଷକ କିପରି ପରିଶ୍ରମ କରି ଅମଳ କରୁଥିବା ଶସ୍ୟ ଓ ଅନ୍ୟାନ୍ୟ ଫସଲର ଉଚିତ ମୂଲ୍ୟ ପାଇ ପାରିବେ ସେ ବିଷୟରେ ସରକାର ସବୁବେଳେ ଯତ୍ନଶୀଳ । କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ କୃଷିଜାତ ଉତ୍ପାଦ ପାଇଁ ଯେଉଁ ମୂଲ୍ୟ ସ୍ଥିର କରନ୍ତି ତାହାକୁ ସେହି ଶସ୍ୟ ବା କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଭାବରେ ଗ୍ରହଣ କରାଯାଏ । ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଏହି ମୂଲ୍ୟ ଏକ ଦୀର୍ଘମିଆଦୀ ସମୟ ସୀମା ପାଇଁ ବଳବତ୍ତର ରହିଥାଏ । ଏହି ସମୟ ମଧ୍ୟରେ ଯଦି ସେହି ନିର୍ଦ୍ଦିଷ୍ଟ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଅଧିକ ହୁଏ, ତେବେ ସୁଦ୍ଧା ଏହାର ମୂଲ୍ୟ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କୌଣସି ପରିସ୍ଥିତିରେ କମ୍ ହେବା ସମ୍ଭବ ନୁହେଁ ।

ସର୍ବନିମ୍ନ ସହାୟକ ମୂଲ୍ୟକୁ ଇଂରାଜୀରେ ମିନିମମ୍ ସପୋର୍ଟ ପ୍ରାଇସ୍ ବା ସଂକ୍ଷିପ୍ତରେ ଏମ୍ଏସ୍ପି ବୋଲି କୁହାଯାଏ ।

**ଆର୍ଥିକ ଦୃଷ୍ଟିକୋଣରୁ ଆମ ରାଜ୍ୟ ଓଡ଼ିଶାରେ ସତୁରୀ ଭାଗରୁ ଅଧିକ ଲୋକ କୃଷି ଉପରେ ହିଁ ନିର୍ଭର କରନ୍ତି । କୃଷିର ବିକାଶ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ଆମ ରାଜ୍ୟରେ ସେଭଳି କୃଷିର ଉନ୍ନତି ଘଟିପାରିନାହିଁ । ବନ୍ୟା, ବାତ୍ୟା, ମରୁଡ଼ି ଭଳି ଦୈବ ଦୁର୍ବିପାକ ସାଙ୍ଗକୁ ଆହୁରି ଅନେକ କାରଣ ଚାଷୀ ପାଇଁ ସମସ୍ୟା ସୃଷ୍ଟି କରୁଛି । ପୁଣି ଅମଳ କରୁଥିବା କୃଷିଜାତ ଦ୍ରବ୍ୟ ପାଇଁ ଉପଯୁକ୍ତ ମୂଲ୍ୟ ପାଇବା ଚାଷୀର ନ୍ୟାର୍ଯ୍ୟ ଅଧିକାର ହୋଇଥିଲେ ହେଁ ତହିଁରୁ ସେ ବଞ୍ଚିତ । ଅମଳ ଫସଲକୁ ମହାଜନ, ଦଲାଲ୍ ତଥା ସ୍ଥାନୀୟ ବେପାରୀକୁ ଶସ୍ତାରେ ବିକି ଉଚିତ୍ ମୂଲ୍ୟ ନ ପାଇବା ସାଧାରଣ କଥା ହୋଇଛି । ସରକାର ପ୍ରତି ବର୍ଷ ଧାର୍ଯ୍ୟ କରୁଥିବା ସର୍ବନିମ୍ନ ସହାୟକ ମୂଲ୍ୟ କ'ଣ, କାହିଁକି, ଏଥିରୁ ସେ କି ଉପକାର ପାଇବ, ଏକଥା ଚାଷୀ ଜାଣେନି । ସେଇ ଚାଷୀଭାଇମାନଙ୍କ ପାଇଁ ଏ ସଂପର୍କରେ କ'ଣ ବ୍ୟବସ୍ଥା ଅଛି, ଆସନ୍ତୁ ଜାଣିବା ।**

ଚାଷୀମାନେ ନିଜ ଫସଲର ମୂଲ୍ୟ ବାବଦକୁ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟକୁ ଏକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ବୋଲି ଗ୍ରହଣ କରିଥାଆନ୍ତି । ନିଜ ଫସଲର ମୂଲ୍ୟ ଜାଣି ଆମଦାନୀ ବା ଆୟକୁ ନେଇ ଚାଷୀମାନେ ଆଶ୍ୱସ୍ତ ଥିବାରୁ, ସେମାନେ କୃଷି କାର୍ଯ୍ୟରେ ଯଥୋଚିତ ପୁଞ୍ଜି ଖଟାଇବାରେ ମଧ୍ୟ ଆଗ୍ରହୀ ହୁଅନ୍ତି । ଅର୍ଥାତ୍, ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀକୁ ତା'ର ଚାଷ କାମରେ ପ୍ରାରମ୍ଭିକ ମୂଳଧନ ଖଟାଇବା ଓ ଆନୁଷଙ୍ଗିକ ବ୍ୟୟ କରିବା ପାଇଁ ଉତ୍ସାହିତ କରିଥାଏ ।

**ସର୍ବନିମ୍ନ ସହାୟକ ମୂଲ୍ୟ ଅନ୍ତର୍ଭୁକ୍ତ ଫସଲଗୁଡ଼ିକ କ'ଣ ?**

ଚାଷୀଭାଇମାନଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଓ ସେମାନଙ୍କୁ ଆତ୍ମ-ନିର୍ଭରଶୀଳ କରିବା ପାଇଁ ଭାରତ ସରକାର ପ୍ରତିବର୍ଷ ବିଭିନ୍ନ ଫସଲ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଆସୁଛନ୍ତି । ଏହି ଫସଲଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା - ଧାନ, ଗହମ, ଯବଧାନ, ବାଜରା, ମକ୍କା, ମାଣ୍ଡିଆ, ଡାଲି ଜାତୀୟ ଫସଲ, ତୈଳଜୀବ ଜାତୀୟ ଫସଲ, ନଡ଼ିଆ, କପା, ଝୋଟ, ଆଖୁ ଓ ଧୂଆଁପତ୍ର ଇତ୍ୟାଦି ।

ଚାଷୀମାନେ ନିଜର ସୁବିଧା ଅନୁସାରେ ନିଜର

ଉତ୍ପାଦିତ ଫସଲ ଖୋଲା ବଜାରରେ, ସରକାରୀ ସଂସ୍ଥା କିମ୍ବା ସରକାରୀ କ୍ରୟ କେନ୍ଦ୍ର ମାଧ୍ୟମରେ ବିକ୍ରି କରି ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରିବେ । କେନ୍ଦ୍ର ସରକାର ବର୍ତ୍ତମାନ ନିମ୍ନଲିଖିତ ୨୫ଟି କୃଷି ଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି ।

•ଧାନ •ଯବଧାନ •ବାଜରା •ମକ୍କା •ମାଣ୍ଡିଆ •ହରଡ଼ •ମୁଗ •ବିରି •କପା •ବାର୍ଲି •ଆଖୁ •ଗହମ •ବୁଟ •ମସୁର •ସୋରିଷ •କୁସୁମୀ •ରାଶି •ଅଳସୀ •ଝୋଟ •ତୋରିଆ •ଧୂଆଁପତ୍ର •ସୂର୍ଯ୍ୟମୂଖୀ •ସୋୟାବିନ୍ •ଚିନାବାଦାମ •ଶୁଖିଲା ନଡ଼ିଆ

ଓଡ଼ିଶାରେ ଦୀର୍ଘଦିନ ଧରି କେବଳ ଧାନ, କପା ଓ ଝୋଟ ହିଁ ସର୍ବନିମ୍ନ ସହାୟକ ମୂଲ୍ୟ ତାଲିକାରେ ସ୍ଥାନ ପାଇଥିଲା । ମସିହା ୨୦୦୬ରୁ ନିମ୍ନଲିଖିତ ଫସଲଗୁଡ଼ିକ ମଧ୍ୟ ଏହି ତାଲିକାଭୁକ୍ତ ହୋଇଛି ।

•ଧାନ •ବାଜରା •ଯବଧାନ(ଅଧିକ ଅମଳକ୍ଷମ) •ମକ୍କା •ହରଡ଼ •ଲଘୁଶସ୍ୟ(ମିଲେଟ୍) •ବିରି •ସୋରିଷ •ଚିନାବାଦାମ (ଚୋପାଯୁକ୍ତ) •ମୁଗ •ସୂର୍ଯ୍ୟମୁଖୀ •ସୋୟାବିନ(ହଳଦିଆ) •ରାଶି •ଅଳସୀ ମଞ୍ଜି •ସୋୟାବିନ(କଳା) •ଆଖୁ •କପା(ମଧ୍ୟମ ତନ୍ତୁଯୁକ୍ତ) •କପା(ଦୀର୍ଘ ତନ୍ତୁଯୁକ୍ତ)

**ବର୍ଷର କେଉଁ ସମୟରେ ଭାରତ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରନ୍ତି ?**

ଚାଷୀମାନଙ୍କର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରସ୍ତୁତ ସହାୟକ ନୀତିକୁ ପ୍ରଭାବଶାଳୀ କରିବା ପାଇଁ ସର୍ବପ୍ରଥମ ଆବଶ୍ୟକତା ହେଉଛି ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣାର ସଠିକ୍ ସମୟ । ଫସଲ ଋତୁର ଯଥେଷ୍ଟ ପୂର୍ବରୁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଥାନ୍ତି । ଫଳରେ ଚାଷୀମାନେ କେଉଁ ଫସଲ ଚାଷ କରିବେ, କେତେ ଜମିରେ




ଚାଷ କରିବେ ଓ କେତେ ସମ୍ବଳ ବିନିଯୋଗ କରିବେ ତାହା ସ୍ଥିର କରିବାର ସୁବିଧା ପାଇଥାଆନ୍ତି । ଏହି ଆବଶ୍ୟକତାକୁ ଆଖି ଆଗରେ ରଖି ଭାରତ ସରକାର କୃଷିମୂଲ୍ୟ ନିର୍ଦ୍ଧାରଣ କମିଶନ (ସିଏସିପି)ଙ୍କୁ ସୁପାରିଶ ଉପରେ ବିଚାର କରି ଉଭୟ ଖରିଫ ଓ ରବି ଫସଲ ଋତୁ ପୂର୍ବରୁ ବା ମଝିରେ ଆବଶ୍ୟକ ବିବରଣୀ ସହିତ ବିଭିନ୍ନ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଥାଆନ୍ତି ।

**ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ କି କି ପଦକ୍ଷେପ ନିଆଯାଏ ?**

କୃଷିଜାତ ଦ୍ରବ୍ୟର ଉତ୍ପାଦନ ମୂଲ୍ୟ ତଥା ଅନ୍ୟାନ୍ୟ ବିଷୟ ସମ୍ବନ୍ଧରେ ବିଚାର କରି ଏକ ଫଳପ୍ରଦ ମୂଲ୍ୟନୀତି ସ୍ଥିର କରିବା ପାଇଁ ସରକାରଙ୍କୁ ପରାମର୍ଶ ଦେବା ପାଇଁ କୃଷିମୂଲ୍ୟ ନିର୍ଦ୍ଧାରଣ କମିଶନ (ସିଏସିପି) ନିଯୁକ୍ତ ହୋଇଥାନ୍ତି । ଫସଲ ଉତ୍ପାଦନ ନିମନ୍ତେ ବୀଜ ବା ମଞ୍ଜି ବୁଣା ସମୟର ଯଥେଷ୍ଟ ପୂର୍ବରୁ କମିଶନ ସରକାରଙ୍କୁ ନିଜର ସୁପାରିଶ ବା ଅନୁମୋଦନ ପଠାଇଥାନ୍ତି । ଉତ୍ପାଦିତ ଦ୍ରବ୍ୟର କ୍ରୟ ନିମନ୍ତେ ବିଭିନ୍ନ ଆଗ୍ରହୀ ଗୋଷ୍ଠୀଙ୍କର ମତାମତ ସଂଗ୍ରହ କରିବା ପାଇଁ କମିଶନ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିଥାନ୍ତି ।

୧. ଚଳିତ ଋତୁର ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ମିଆଦି ପ୍ରସଙ୍ଗଗୁଡ଼ିକ କମିଶନ ଚିହ୍ନଟ କରନ୍ତି ।

୨. ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଓ ସଂପୃକ୍ତ ବିଷୟରେ ସଂପୂର୍ଣ୍ଣ ବିବରଣୀ ଓ ନିଜସ୍ୱ ଦୃଷ୍ଟିକୋଣ ସମ୍ବନ୍ଧରେ ଜାଣିବା ପାଇଁ କମିଶନ କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରାଳୟ, ରାଜ୍ୟ ସରକାର, ସମବାୟ ଓ ବ୍ୟକ୍ତିଗତ ଶିଳ୍ପ ପ୍ରକ୍ରିୟାକରଣରେ ସଂପୃକ୍ତ ସଂଗଠନ ଓ ଚାଷୀମାନଙ୍କୁ ଏକ ପ୍ରଶ୍ନାବଳୀ ପଠାଇଥାଆନ୍ତି ।

୩. ଏହାପରେ କମିଶନ, କେନ୍ଦ୍ର ମନ୍ତ୍ରାଳୟ/ବିଭାଗ, ରାଜ୍ୟ ସରକାର ଓ ଅନ୍ୟାନ୍ୟ ସଂଗଠନ ସହିତ ଅଲଗା ଅଲଗା ଆଲୋଚନା କରନ୍ତି । ଏ କ୍ଷେତ୍ରରେ କାମ କରୁଥିବା ଗବେଷଣା ଓ ଶିକ୍ଷା ପ୍ରତିଷ୍ଠାନମାନଙ୍କ ସହିତ କମିଶନ ମତ ବିନିମୟ କରି ଗବେଷଣା ଓ ଏହାର ଫଳାଫଳ ପ୍ରତି ଧ୍ୟାନ ଦିଅନ୍ତି ।

୪. ବିଭିନ୍ନ ଅଞ୍ଚଳର ସ୍ଥାନୀୟ ସଂଗଠନ ଓ ଚାଷୀମାନଙ୍କର ମତାମତ ଓ କୃଷି କ୍ଷେତ୍ରଗୁଡ଼ିକ ବିଷୟରେ ଜାଣିବା ପାଇଁ କମିଶନ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ପରିଦର୍ଶନ କରନ୍ତି ।

### କୃଷିମୂଲ୍ୟ ନିର୍ଦ୍ଧାରଣ କମିଶନଙ୍କ ଦ୍ୱାରା ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିରୀକରଣ କିପରି ହୁଏ ?

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ କମିଶନ ସଂପୃକ୍ତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚ, କୃଷି ସାମଗ୍ରୀର ପରିବର୍ତ୍ତିତ ମୂଲ୍ୟ, ଖର୍ଚ୍ଚ ଓ ଆମଦାନୀ ମଧ୍ୟରେ ସମତୁଲତା, ବଜାର ଦରର ବୃଦ୍ଧି, ଗ୍ରାହକମାନଙ୍କର ଆବଶ୍ୟକତା ଓ ଯୋଗାଣର ପରିମାଣ, ବିଭିନ୍ନ ଫସଲର ମୂଲ୍ୟ ମଧ୍ୟରେ ସମତୁଲତା, ଶିଳ୍ପଜାତ ମୂଲ୍ୟ ଉପରେ ପ୍ରଭାବ, ଲୋକଙ୍କର ଜୀବନଯାପନ ବ୍ୟୟ ଉପରେ ପ୍ରଭାବ, ବଜାର ଦର ଉପରେ ପ୍ରଭାବ, ଅନ୍ତଃରାଷ୍ଟ୍ରୀୟ ବଜାରର ମୂଲ୍ୟ ସ୍ଥିତି, ଚାଷୀମାନଙ୍କର ଆୟବ୍ୟୟ ମଧ୍ୟରେ ସମତୁଲତା ଓ ପ୍ରାସଙ୍ଗିକ ମୂଲ୍ୟ ଏବଂ ସରକାରୀ ଅନୁଦାନ (ସବ୍‌ସିଡ଼ି)ର ପରିଣତି ସମ୍ପର୍କରେ ମଧ୍ୟ ବିଚାର କରିଥାଆନ୍ତି । ଏହି ସବୁ ମଧ୍ୟରୁ ଉତ୍ପାଦନ ଖର୍ଚ୍ଚ ପ୍ରସଙ୍ଗକୁ ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ସମୟରେ ବିଶେଷ ଗୁରୁତ୍ୱ ଦିଆଯାଏ । ଅର୍ଥାତ୍, ସହାୟକ ମୂଲ୍ୟନୀତିକୁ ଅଧିକ ପ୍ରଭାବଶାଳୀ ଓ ଯୁଗୋପଯୋଗୀ କରିବା ପ୍ରକ୍ରିୟାରେ ଏହି ମୂଲ୍ୟ ଯେପରି ଚାଷ କାମରେ ଚାଷୀ ଦ୍ୱାରା ଖଟାଯାଇଥିବା ମୂଳଧନରୁ କମ୍ ନହୁଏ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ ।

କମିଶନ ପ୍ରାରମ୍ଭିକ ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ରାଜ୍ୟସ୍ତର ମାଧ୍ୟମରେ କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ ଓ ସଙ୍କଳନ କରି ନିଜର କାର୍ଯ୍ୟପନ୍ଥା ସ୍ଥିର କରନ୍ତି । କମିଶନ ଦ୍ୱାରା ବ୍ୟବହାର କରାଯାଉଥିବା ତଥ୍ୟ ଓ ସୂଚନା ମୁଖ୍ୟତଃ ନିମ୍ନଲିଖିତ ବିଷୟ ସମ୍ବନ୍ଧୀୟ ହୋଇଥାଏ ।

- ହେକ୍ଟର ପିଛା ଉତ୍ପାଦନ ଖର୍ଚ୍ଚ, ଦେଶର ବିଭିନ୍ନ ଅଞ୍ଚଳରେ ଖର୍ଚ୍ଚର ବିବରଣୀ ଓ ଏହାର ପାରସ୍ପରିକ ପାର୍ଥକ୍ୟ ।
- ଦେଶର ବିଭିନ୍ନ ଅଞ୍ଚଳରେ କ୍ୱିଣ୍ଟାଲ ପ୍ରତି ଉତ୍ପାଦନ ଖର୍ଚ୍ଚ ଓ ଏହାର ପାରସ୍ପରିକ ପାର୍ଥକ୍ୟ ।
- ବିଭିନ୍ନ କୃଷି ସାମଗ୍ରୀ ମୂଲ୍ୟ ଓ ଏହାର ପାରସ୍ପରିକ ପାର୍ଥକ୍ୟ ।
- ବଜାରରେ ବିକ୍ରି ଦ୍ରବ୍ୟର ଉତ୍ପାଦିତ ମୂଲ୍ୟ ଓ ଏଥିରେ ହେଉଥିବା ପରିବର୍ତ୍ତନ ।
- ଚାଷୀମାନଙ୍କର ଉତ୍ପାଦିତ ସାମଗ୍ରୀର ମୂଲ୍ୟ ଓ କିଣାଯାଉଥିବା କୃଷି ସାମଗ୍ରୀର ମୂଲ୍ୟ ଏବଂ ଏଥିରେ ହେଉଥିବା ପରିବର୍ତ୍ତନ ।
- ଚାଷ ଆୟତନ, ଅମଳ ହାର ଓ ଉତ୍ପାଦନ, ଆମଦାନୀ, ରପ୍ତାନୀ ଏବଂ ସରକାରୀ ବା ଘରୋଇ ସଂସ୍ଥା କିମ୍ବା ଶିଳ୍ପ ସଂସ୍ଥା ନିକଟରେ ଦେଶୀୟ ଉପଲବ୍ଧ ପରିମାଣର ଯୋଗାଣ ବିଷୟକ ତଥ୍ୟ ।
- ଅନ୍ତଃରାଷ୍ଟ୍ରୀୟ ବଜାର ଦର ଓ ଏଥିରେ ହେଉଥିବା ପରିବର୍ତ୍ତନ, ବିଶ୍ୱବଜାରରେ ଫସଲର ଚାହିଦା ଓ ଯୋଗାଣର ସ୍ଥିତି ।
- କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ ଚିନି, ଗୁଡ଼, ଝୋଟଜାତ ପଦାର୍ଥ, ଖାଦ୍ୟପୋଯୋଗୀ ଓ ବ୍ୟବହାରିକ ତୈଳ ଏବଂ କପାସୂତା ଦର ଓ ଏହାର କ୍ଷୟବୃଦ୍ଧି ।
- କୃଷି ଉତ୍ପାଦିତ ସାମଗ୍ରୀ ପ୍ରକ୍ରିୟାକରଣରେ ବ୍ୟୟ ଓ ଏଥିରେ ହେଉଥିବା କ୍ଷୟବୃଦ୍ଧି ।
- ବିକ୍ରି, ଭଣ୍ଡାରଣ, ପରିବହନ, ପ୍ରକ୍ରିୟାକରଣ, ବିକ୍ରି ଓ ସେବା କର ଏବଂ ଅନ୍ୟାନ୍ୟ ଖର୍ଚ୍ଚ ତଥା ବିପଣନ ସଂସ୍ଥାକୁ ଦେବାକୁ ପଡୁଥିବା ଖର୍ଚ୍ଚ ।
- ସାଧାରଣ ମୂଲ୍ୟସ୍ତର, ଖାଉଟି ମୂଲ୍ୟସୂଚୀ ତଥା ଅର୍ଥ ଓ ରାଜସ୍ୱ ସମ୍ବନ୍ଧୀୟ ବ୍ୟାପାରରେ ପ୍ରତିଫଳିତ ହେଉଥିବା ସ୍ଥୂଳ ଅର୍ଥନୀତିରେ ଘଟୁଥିବା ବିଭିନ୍ନତା ।

### ସର୍ବନିମ୍ନ ସହାୟକ ମୂଲ୍ୟ କାର୍ଯ୍ୟକାରୀ କଳ

ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା ସହିତ ସରକାରୀ ମୂଲ୍ୟ ନୀତିକୁ ଚାଷୀଙ୍କ ପାଇଁ ଏକ ଉଚିତ ମୂଲ୍ୟ ସହାୟତାରେ ପରିଣତ କରିବାକୁ ଏକ ଫଳପ୍ରଦ ବଜାର ସଂକ୍ରାନ୍ତୀୟ ପଦକ୍ଷେପ ଆବଶ୍ୟକ । ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦର ଉଚିତ୍ ମୂଲ୍ୟ ଦେବାପାଇଁ ୧୯୬୦ ମସିହାରୁ ଭାରତ ସରକାର କପା ନିଗମ ଆଦି ସ୍ଥାପନ କରିଛନ୍ତି । ତୈଳବୀଜ ଓ



ଡାଲିଜାତୀୟ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀମାନଙ୍କୁ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ୧୯୮୫ ମସିହାରୁ ଜାତୀୟ କୃଷି ସମବାୟ ବିପଣନ ମହାସଂଘ (ନାଫେଡ଼)କୁ ଦାୟିତ୍ୱ ଅର୍ପଣ କରିଛନ୍ତି ।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ପାଇଁ ଓଡ଼ିଶାରେ ରାଜ୍ୟ ସରକାରଙ୍କ ଦ୍ୱାରା କେତେକ ଫସଲ କ୍ରୟ କେନ୍ଦ୍ର ଓ ସଂଗ୍ରହ କେନ୍ଦ୍ର ସ୍ଥାପିତ ହୋଇଛି । ଓଡ଼ିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ ଲିମିଟେଡ଼ (ଓଏସ୍‌ସିଏସ୍‌ସି) ସିଧାସଳଖ ଚାଷୀମାନଙ୍କଠାରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରନ୍ତି ଓ ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୀତି ଓ ମିଲ୍ ମାଲିକମାନଙ୍କ ଦ୍ୱାରା କ୍ରୟ କରିବାପାଇଁ ହୋଇଥିବା ବିକେନ୍ଦ୍ରିତ ନୀତି ପାଳନ କରନ୍ତି । ଯେଉଁ ସବୁ ଅଞ୍ଚଳରେ ଭାରତୀୟ ଖାଦ୍ୟ ନିଗମର ଆବଶ୍ୟକ ସଂଖ୍ୟକ ସିଧାସଳଖ ସଂଗ୍ରହ କେନ୍ଦ୍ର ନଥାଏ, ସେଠାରେ ରାଜ୍ୟ ସାଧାରଣ ଯୋଗାଣ ନିଗମ ଲିମିଟେଡ ଓ ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍) ଦ୍ୱାରା କ୍ରୟ କେନ୍ଦ୍ର ସ୍ଥାପନ କରାଯାଏ ।

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କଠାରୁ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣିବା ପାଇଁ ପାଣି ପଞ୍ଚାୟତ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟ କୃଷି ବିପଣନ ମହାସଂଘ, ଜାତୀୟ କୃଷି ସମବାୟ ବିପଣନ ମହାସଂଘ ଓ ସମବାୟ ସମିତିଗୁଡ଼ିକର ସହଯୋଗରେ ପାଣି ପଞ୍ଚାୟତଗୁଡ଼ିକ ଏହି ଦାୟିତ୍ୱ ତୁଲାଉଛନ୍ତି ।

ରାଜ୍ୟ ସରକାରଙ୍କର କୃଷିନୀତି ଅନୁସାରେ ଚାଷୀଭାଇମାନେ ସର୍ବନିମ୍ନ ସହାୟକ ମୂଲ୍ୟରେ ନିୟନ୍ତ୍ରିତ ବଜାର କମିଟି ଓ ବୃହତ୍ତ କୃଷି ବହୁମୁଖୀ ସମିତି (ଲ୍ୟାମ୍ପସ)ରେ ଧାନ ବିକ୍ରି କରିପାରିବେ । ଡିସେମ୍ବର ୨୦୦୬ରେ ରାଜ୍ୟ ସରକାର ନାଫେଡ଼ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରି ବାସୁମତୀ ଛଡ଼ା ଅନ୍ୟ ଧାନ, ଚିନାବାଦାମ, ମକ୍କା, ପିଆଜ, ସୂର୍ଯ୍ୟମୁଖୀ ଓ ରାଶି ଚାଷୀମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରିବା ପାଇଁ ବ୍ୟବସ୍ଥା କରିଛନ୍ତି ।

ସେହିପରି ୨୦୦୬ ବର୍ଷଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଏବଂ ଏହାର ଅନୁମୋଦିତ ସଂସ୍ଥା ନେସନାଲ କୋଲାଟେରାଲ ମେନେଜମେଣ୍ଟ ସର୍ଭିସେସ୍ ଲିମିଟେଡ (ଏନ୍‌ସିଏମ୍‌ଏସ୍‌ଏଲ୍) ଦ୍ୱାରା ମଧ୍ୟ ଚାଷୀମାନଙ୍କଠାରୁ ସିଧାସଳଖ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣିବାର ବ୍ୟବସ୍ଥା କରାଯାଇଛି । ଏହି ସୁଯୋଗ ଲାଭ କରିବା ପାଇଁ ସଂପୃକ୍ତ ଚାଷୀମାନଙ୍କୁ ନିଜର ଫଟୋ ପରିଚୟ ପତ୍ର ନେଇ ଆସିବା ନିହାତି ଆବଶ୍ୟକ ।



**ସର୍ବନିମ୍ନ ସହାୟକ ମୂଲ୍ୟ ପାଇବା ପାଇଁ କି କି ସରକାରୀ ସୁବିଧାସୁଯୋଗ ଅଛି ?**

ଚାଷୀମାନଙ୍କୁ ଚିହ୍ନଟ କରିବା ଏବଂ ବଜାର ଓ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ସର୍ବନିମ୍ନ ସହାୟକ ମୂଲ୍ୟ ସୁବିଧାରେ ଫସଲର ବିକ୍ରିବଟା ପାଇଁ ଓଡ଼ିଶା ସରକାର **'କିଷାନ କ୍ରେଡିଟ୍ କାର୍ଡ଼'** ଓ **'କିଷାନ ପରିଚୟ ପତ୍ର'**ର ପ୍ରଚଳନ ଆରମ୍ଭ କରିଛନ୍ତି । ଏହି କାର୍ଡ ଓ ପରିଚୟ ପତ୍ର ପାଇବା ପାଇଁ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଅନୁମୋଦନ ଆବଶ୍ୟକ । ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଓ କୋରାପୁଟ ଇତ୍ୟାଦି ଜିଲ୍ଲାଗୁଡ଼ିକରେ କିଷାନ କ୍ରେଡିଟ୍ କାର୍ଡ଼ ଓ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟ ହୋଇଛି । ଜିଲ୍ଲା ସ୍ତରରେ ଏହାର ବଣ୍ଟନ ପାଇଁ ଆବଶ୍ୟକୀୟ ଯାଞ୍ଚ କ୍ଷମତା ତହସିଲଦାରମାନଙ୍କୁ ଦିଆଯାଇଛି ।

<u>ଫସଲ ସଂଗ୍ରହ କେନ୍ଦ୍ରର ଦୂରତା ଅତିବେଶୀରେ କେତେ ହେବା ଦରକାର ?</u>

ଓଡ଼ିଶା ସରକାରଙ୍କ କୃଷିନୀତି ଅନୁସାରେ ଫସଲ ସଂଗ୍ରହ କେନ୍ଦ୍ରର ଦୂରତା ପଞ୍ଚାୟତର ୧୦କି.ମି. ସୀମା ମଧ୍ୟରେ ରହିବା ଆବଶ୍ୟକ । ଫଳରେ ଚାଷୀମାନଙ୍କୁ ନିଜର କୃଷିଜାତ ଦ୍ରବ୍ୟ ବିକ୍ରି କରିବା ପାଇଁ ଅଧିକ ବାଟ ଯିବାକୁ ପଡ଼ିବ ନାହିଁ ।

<u>ଫସଲ ସଂଗ୍ରହ କେନ୍ଦ୍ର କେଉଁ ସମୟରେ ଖୋଲା ରହେ ?</u>

ଫସଲ ସଂଗ୍ରହ କେନ୍ଦ୍ରଗୁଡ଼ିକ ଖରିଫ୍ ଋତୁରେ ଅକ୍ଟୋବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଏବଂ ରବି ଋତୁରେ ମଇ ଓ ଜୁନ୍ ମାସରେ ଖୋଲା ରହେ । ଖାଦ୍ୟଶସ୍ୟର ଉତ୍ପାଦନ ପରିମାଣକୁ ଆଖି ଆଗରେ ରଖି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସଂଗ୍ରହ କେନ୍ଦ୍ରକୁ ଖୋଲା ରଖିବାର ସମୟ କମାଇବା କିମ୍ବା ବଢ଼ାଇବା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତି ।

## ସର୍ବନିମ୍ନ ସହାୟକ ମୂଲ୍ୟ ପାଇବା ପାଇଁ ଚାଷୀର ମୁଖ୍ୟ ଆବଶ୍ୟକତାଗୁଡ଼ିକ କ'ଣ କରିବାକୁ ହେବ ?

ଚାଷୀକୁ ଫସଲ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ନିଜର ଉତ୍ପାଦ ବିକ୍ରି କରିବା ପାଇଁ ହେଲେ ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କଠାରୁ ପ୍ରମାଣପତ୍ର ଆଣିବାକୁ ପଡ଼ିଥାଏ । ରାଜସ୍ୱ ନିରୀକ୍ଷକ ଏହି ପ୍ରମାଣପତ୍ରରେ ମୋଟ ଜମି, ମୋଟ ଅମଳ ଓ କେତେ ପ୍ରକାରର ଫସଲ ଅମଳ କରାଯାଇଛି ସେ ବିଷୟରେ ଲେଖିବେ । ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା:

- ଚାଷୀଙ୍କୁ ଦଲାଲ କବଳରୁ ରକ୍ଷା କରିବା ।
- ଫସଲର ଅଭାବୀ ବିକ୍ରି ରୋକିବା ।
- ଚାଷୀମାନଙ୍କୁ ତାଙ୍କର ଉତ୍ପାଦର ଉଚିତ୍ ମୂଲ୍ୟ ଦେବା ।
- ସ୍ଥାନୀୟ ବେପାରୀମାନେ ଚାଷୀମାନଙ୍କୁ ଫସଲର କମ୍ ମୁଲ୍ୟ ଦେଇ ଅଧିକ ଦରରେ ବଜାରରେ ବିକ୍ରି କରିବାର ପରମ୍ପରାକୁ ବନ୍ଦ କରିବା ।

ଚାଷୀମାନଙ୍କୁ ନିଜର ଶସ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ନିୟନ୍ତ୍ରିତ ବଜାରରେ ବିକ୍ରି କରିବାକୁ ହେଲେ ବଜାରର ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦକୁ ୧ ପ୍ରତିଶତ ଅର୍ଥ ଦେବାକୁ ପଡ଼ିଥାଏ ।

## ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବେ କିପରି ?

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବା ପାଇଁ ଏହାର ସଠିକ୍ ମାନକ (ଷ୍ଟାଣ୍ଡାର୍ଡ) ଓ ଶ୍ରେଣୀଭୁକ୍ତ(ଗ୍ରେଡିଂ) ହେବା ଆବଶ୍ୟକ । ଏଥିପାଇଁ ସାରା ଦେଶରେ ଧାନର ପ୍ରକାର ବା କିସମ, ସମାନତା, ଆକୃତି, ରଙ୍ଗ, ମିଶାପଦାର୍ଥ, ଭଙ୍ଗା ଓ କ୍ଷତ ଦାନା, ନିମ୍ନମାନର କିସମ ମିଶ୍ରଣ, ଆର୍ଦ୍ରତା ଓ କ୍ଷତିକାରକ ପ୍ରଦୂଷକ ଇତ୍ୟାଦିକୁ ବିଚାରକୁ ନିଆଯାଇଥାଏ । ପୂର୍ବ ନିର୍ଦ୍ଧାରିତ ମାନ ଓ ନିରାପଦ ଷ୍ଟାଣ୍ଡାର୍ଡ ଅନୁସାରେ ଧାନର ଗୁଣାତ୍ମକ ମାନ ଠିକ୍ ରହିଲେ ଏହାକୁ ସଠିକ୍ ମାନର କିସମ ଭାବରେ ଗ୍ରହଣ କରାଯାଏ । ଓଡ଼ିଶାରେ ସାଧାରଣ କିସମ ଓ 'ଏ' ଗ୍ରେଡ୍, ଏହିଭଳି ଦୁଇ କିସମର ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯାଇଛି । ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ମୂଲ୍ୟରେ ଧାନ ବିକ୍ରି କରିବାକୁ ହେଲେ ଖାଦ୍ୟ ଶସ୍ୟ କିସମ ଚିହ୍ନଟ କରାଯାଇଥିବା କିସମ ଗୁଣଯୁକ୍ତ ହେବା ଆବଶ୍ୟକ ।

- ବିକ୍ରିପାଇଁ ଅଣାଯାଇଥିବା ସବୁ କିସମର ଧାନ ଅକ୍ଷତ, ସୁସ୍ଥ, ଶୁଷ୍କ, ପୁଷ୍ଟ ଓ ପରିଷ୍କାର ହେବା ଆବଶ୍ୟକ ।
- ସମସ୍ତ ଧାନର ବର୍ଣ୍ଣ ସ୍ୱାଭାବିକ ଓ ସମରଙ୍ଗୀ ହେବା ସହ ଦାନାର ଆକାର ସମାନ ହେବା ଦରକାର ।
- ଧାନରେ ଧୂଳି, ମାଟି, ବାଲି, ଗୋଡ଼ି, ପୋଲାଧାନ, ଧୂସ, ଖଣ୍ଡିଫୁଆଲ, ସଢ଼ା, ଦାଗୀ, ବଦ୍‌ରଙ୍ଗୀ, ପୋକକଟା, ଗଜା, ପାଣିଫୁଲା, ଦରପାଚିଲା, ମଲା ଓ ଓଦା ଧାନ ପ୍ରଭୃତିର ମାତ୍ରା ପରପୃଷ୍ଠାରେ ଦିଆଯାଇଥିବା ଅନୁସୂଚିତ ମାତ୍ରାଠାରୁ ଅଧିକ ହେବା ଉଚିତ୍ ନୁହେଁ ।

## ସବୁ କିସମର ଧାନ ପାଇଁ ଓଡ଼ିଶା ସରକାରଙ୍କଦ୍ୱାରା ନିର୍ଦ୍ଧାରିତ ମାନ (ଏଫ୍‌ଏକ୍ୟୁ)

| ଅନ୍ୟାନ୍ୟ ମିଶ୍ରିତ ପଦାର୍ଥ | | | |
|---|---|---|---|
| କ୍ରମ ସଂଖ୍ୟା | ପ୍ରତିସରଣ | ସର୍ବାଧିକ ସୀମା | ମାନର ଅନ୍ତର୍ଭୁକ୍ତ |
| ୧. | ଜୈବିକ (କୁଣ୍ଡା, ଅଗାଡ଼ି, ନଡ଼ା, ବାଲୁଙ୍ଗାମଞ୍ଜି ଓ ଅନ୍ୟାନ୍ୟ ଅଖାଦ୍ୟ ଶସ୍ୟ | ୧% | ୧% |
| ୨. | ଅଜୈବିକ (ବାଲି, କଙ୍କର, ବାଲିଗରଡ଼ା, ମାଟି, ପଥର, କାଚ, ଧାତବ ବସ୍ତୁ) | ୧% | ୧% |
| ୩. | ଭଙ୍ଗା, ବେରଙ୍ଗ, ଗଜା ହୋଇଥିବା, ପୋକଖିଆ ଶସ୍ୟ | ୩% | ୫% |
| ୪. | ଅପ୍ରାପ୍ତ, ରୁଗୁଡ଼ିଆ | ୩% | ୩% |
| ୫. | ନିମ୍ନମାନର ମିଶା ଧାନ | ୭% | ୭% |
| ୬. | ଆର୍ଦ୍ରତା | ୧୭% | ୧୭% |

## ରାଜ୍ୟ ନୂଆ କୃଷିନୀତି

ରାଜ୍ୟର ନୂଆ କୃଷିନୀତି ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ କୃଷି ଉତ୍ପାଦନ କାର୍ଯ୍ୟରେ ବ୍ୟବହୃତ ଉପାଦାନ ଉପରେ ପୂର୍ବାପେକ୍ଷା ଅଧିକ ରିହାତି ଘୋଷଣା କରାଯାଇଛି । କିନ୍ତୁ କୃଷିକାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତ ଉପରେ ସବ୍‌ସିଡ୍ ଦେବା ନେଇ କୌଣସି ନିର୍ଦ୍ଦିଷ୍ଟ ଘୋଷଣା କରାଯାଇ ନଥିବା ଜଣାପଡ଼ିଛି । ଏକାଦଶ ପଞ୍ଚବାର୍ଷିକ ଯୋଜନା ସୁଦ୍ଧା ରାଜ୍ୟରେ ବିହନ ପ୍ରତି ବଦଳ ହାର ୨୫ ପ୍ରତିଶତକୁ ବୃଦ୍ଧି ପାଇବ । ପ୍ରତି ବ୍ଲକ୍‌ରେ ବିହନ ଗ୍ରାମ, କୃଷକ ସୂଚନା ଓ ସହାୟତା କେନ୍ଦ୍ର ପ୍ରତିଷ୍ଠା ହେବ । ପ୍ରତି ଜିଲ୍ଲାରେ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଓ ୫ଟି ନୂଆ ବିହନ ପରୀକ୍ଷାଗାର ପ୍ରତିଷ୍ଠା ହେବ । ଜଳନିଧି ଯୋଜନାରେ ଘରୋଇ ଉଠାଜଳସେଚନ ପଏଣ୍ଟ ପ୍ରତିଷ୍ଠା ପାଇଁ ମଧ୍ୟ ୫୦ ପ୍ରତିଶତ ରିହାତି ମିଳିବ । କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଓ ଉପକରଣ ଉପରେ ସବ୍‌ସିଡ୍ ହାର ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି ଇତ୍ୟାଦି ଇତ୍ୟାଦି।

**ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା କିଣାଯାଉଥିବା ସବୁ କିସମର ଧାନ ପାଇଁ ନିର୍ଦ୍ଧାରିତ ମାନ**

| ଅନ୍ୟାନ୍ୟ ମିଶ୍ରିତ ପଦାର୍ଥ | | |
|---|---|---|
| କ୍ରମ ସଂଖ୍ୟା | ପ୍ରତିସରଣ | ସର୍ବାଧିକ ସୀମା |
| ୧. | ଅଜୈବିକ | ୧% |
| ୨. | ଜୈବିକ | ୧% |
| ୩. | ଭଙ୍ଗା, ବେରଙ୍ଗ, ଗଜା ହେଇଥିବା, ପୋକଖିଆ ଶସ୍ୟ | ୩% |
| ୪. | ଅପ୍ରାପ୍ତ, ଗୁରୁଡ଼ିଆ | ୩% |
| ୫. | ନିମ୍ନମାନର ମିଶା ଧାନ | ୮% |
| ୬. | ଆର୍ଦ୍ରତା | ୧୭% |

**ବି.ଦ୍ର.** ମୋଟାମୋଟିଭାବେ ଏକପ୍ରତିଶତ ସୀମାମଧ୍ୟରେ ଜୈବିକ ଓ ଅନ୍ୟବସ୍ତୁ, ଯଥା : ବିଷ ମଞ୍ଜିର ପରିମାଣ ୦.୫%ରୁ ଅଧିକ ହେବ ନାହିଁ । ବିଷ ମଞ୍ଜିରେ ଧାତୁରା ମଞ୍ଜି ୦.୨୫% ଓ ଅଗରା ମଞ୍ଜି ୦.୨%ରୁ ଅଧିକ ହେବ ନାହିଁ ।

**ଏନ୍‌ସିଏମ୍‌ଏସ୍‌ଏଲ୍ ଦ୍ୱାରା କିଣାଯାଉଥିବା ସାଧାରଣ ଓ ଏ-ଗ୍ରେଡ୍ ଧାନର ସରକାରୀ ଅନୁମୋଦିତ ମାନ ବା ମାପଦଣ୍ଡ**

| କ୍ରମ ସଂଖ୍ୟା | ମିଶ୍ରିତ ବାହ୍ୟ, ଦୂଷିତ ପଦାର୍ଥର ତାଲିକା | ଏଫ୍‌ଏକ୍ୟୁ | କୋହଳ ବା ରିହାତି |
|---|---|---|---|
| ୧. | କ) ଜୈବିକ ବା ମୌଳିକ (ଧୂଳି, ବାଲି, ମାଟି, ଗୋଡ଼ି, ଇତ୍ୟାଦି) | ୧% | ୧% |
| | ଖ) ଜୈବିକ (ଧୂସ, ପୋଲାଧାନ, ପୁଆଳ ଇତ୍ୟାଦି) | ୧% | ୧% |
| ୨. | ନଷ୍ଟ, ସଢ଼ା, ଦାଗି, ବଦରଙ୍ଗୀ ପୋକରା, ପାଣିଫୁଲା, ଗଜାଧାନ | ୩% | ୫% |
| ୩. | ଅପରିପକ୍ୱ, ଅପ୍ରାପ୍ତ, ମଲାଧାନ, ସଙ୍କୁଚିତ, କୁଞ୍ଚିତ ଧାନ | ୩% | ୫% |
| ୪. | ଏ-ଗ୍ରେଡ୍ ଧାନରେ ମିଶ୍ରିତ ସାଧାରଣ ଧାନ | ୬% | ୬% |
| ୫. | ଧାନର ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | ୧୭% |

❖ ❖ ❖

*.....ପୃଷ୍ଠା-୩ର ଅବଶିଷ୍ଟାଂଶ*

ଚାଷ ଆରମ୍ଭ କରାଗଲେ ନଭେମ୍ବର, ଡିସେମ୍ବରରେ ଧାନ କଟାଯିବ । କଟା ଫସଲକୁ ଖଳାକୁ ନେଇ ବେଙ୍ଗଳା ପକାଇଲାବେଳକୁ ମାର୍ଚ୍ଚ ମାସ । ଫସଲ ବିକ୍ରୀ କରି ପଇସା ଆଦାୟ ବେଳକୁ ଅପ୍ରେଲ୍ ମାସ ହୋଇଯିବ । ଅର୍ଥାତ୍ ଫସଲରେ ବିନିଯୋଗ ଓ ଆଦାୟର ଅବଧି ପୁରା ବର୍ଷେ । ରବି ଫସଲରେ ବିନିଯୋଗ ଓ ଆଦାୟର ଅବଧି ମଧ୍ୟ ବର୍ଷେ । ରବିଫସଲ କ୍ଷେତ୍ରରେ ଅମଳ ଶୀଘ୍ର ହେଲେ ବି, ଅମଳ ସରିବା ବେଳକୁ ବର୍ଷା ସମୟ ପହଞ୍ଚିବ । ଏ ଦୃଷ୍ଟିରୁ ବିପଣନ ଓ ପ୍ରକ୍ରିୟାକରଣରେ ବିଳମ୍ବ ନିଶ୍ଚିତ । ଉଭୟ ବର୍ଷା ନିର୍ଭରଶୀଳ ଶାରଦ ଓ ଖରା ନିର୍ଭରଶୀଳ ରବି ଫସଲରେ ବିନିଯୋଗ ଏବଂ ଆଦାୟର ଅବଧି ବର୍ଷେ । ଏଣୁ ଫସଲ ସମ୍ପର୍କିତ ଋଣ ସୁଧର ହାର ସରଳ ସୁଧ ହେବା ନିହାତି ଯୁକ୍ତିଯୁକ୍ତ । ଆଜି ଦେଶରେ ଯେଉଁ କୁର୍ସିଧାରୀ ଅର୍ଥନୀତିଜ୍ଞମାନେ ତଥା କୃଷି ବିଶେଷଜ୍ଞମାନେ ଅଛନ୍ତି ଓ ଅର୍ଥନୀତିର ତର୍ଜମା କରୁଛନ୍ତି, ସେମାନେ ଏ ଦିଗରେ କେବେ କୃଷକ ସମାଜର ପକ୍ଷ ନେଇନାହାନ୍ତି । କୃଷିଋଣକୁ ରାଷ୍ଟ୍ରସ୍ତରରେ ସରଳସୁଧଭିତ୍ତିକ କରିବା ସଂଗେ ସଂଗେ କୃଷି ଋଣ ପରିଶୋଧର ଅବଧି ସର୍ବନିମ୍ନ ଦୁଇବର୍ଷ କରାଗଲେ କୃଷକର ମେରୁଦଣ୍ଡ ହୁଏତ୍ କିଛିଟା ସଳଖ ହୋଇପାରିବ ।

ଆଜି କୃଷକ ସମାଜର ଯେଉଁ ସ୍ଥିତି, ତାହା କୌଣସିମତେ ନ୍ୟୁନ ଭାବେ କଳନା କରିବା ଅଦୂରଦର୍ଶିତାର ପରିଣାମ ହେବ । ସରକାର, ସୁଧୀବର୍ଗ ଓ ଲୋକପ୍ରତିନିଧିମାନେ ଚାଷୀ ଉତ୍ପାଦର ସଠିକ୍ ମୂଲ୍ୟ ପ୍ରଦାନ ପାଇଁ ପୁନଃ ମୂଲ୍ୟ ନିର୍ଦ୍ଧାରଣ, ବ୍ୟାଙ୍କ୍ ସୁଧହାରକୁ ସରଳସୁଧ କରିବା ଓ ବିପଣନରେ ସୁଧାର ପାଇଁ ଆବଶ୍ୟକ ପଦକ୍ଷେପ ନେବାର ସମୟ ଆସିଛି ।

**ଚାଷକୁ କଲେ ହେଳା, ନିଶ୍ଚେ ବୁଡ଼ିବ ଭେଳା**

# ସର୍ବଭାରତୀୟ ସ୍ତରରେ ବିଭିନ୍ନ ଉତ୍ପାଦିତ ଫସଲ ପାଇଁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ

ଗତ ୨୦୦୫-୦୬ ଖରିଫ୍ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଅକ୍ଟୋବର ୨୦୦୫ରୁ ସେପ୍ଟେମ୍ବର ୨୦୦୬ ପର୍ଯ୍ୟନ୍ତ ଲାଗୁଥିଲା ଓ ରବି ଫସଲ ପାଇଁ ଏହି ସମୟ ସୀମା ୨୦୦୬ ଏପ୍ରିଲ ପହିଲାରୁ ୨୦୦୭ ମାର୍ଚ୍ଚ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ୨୦୦୭-୦୮ ବର୍ଷ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନସାରଣୀ ମତେ :

**ଖରିଫ ଫସଲ**

| କ୍ରମ ସଂଖ୍ୟା | ଶସ୍ୟର ନାମ | କିସମ | ୨୦୦୬-୦୭ (କ୍ୱିଣ୍ଟାଲପ୍ରତି ଦର) ଟଙ୍କାରେ | ୨୦୦୭-୦୮ (କ୍ୱିଣ୍ଟାଲପ୍ରତି ଦର) ଟଙ୍କାରେ |
|---|---|---|---|---|
| ୧. | ଧାନ | ସାଧାରଣ | ୫୮୦ | ୬୪୫ |
| | | ଗ୍ରେଡ୍-ଏ | ୬୧୦ | ୬୭୫ |
| ୨. | ଜୁଆର | ହାଇବ୍ରିଡ୍ | ୫୪୦ | ୬୦୦ |
| | | ମାଲଦଣ୍ଡି | ୫୫୫ | ୬୨୦ |
| ୩. | ବାଜରା | | ୫୪୦ | ୬୦୦ |
| ୪. | ମକ୍କା | | ୫୪୦ | ୬୨୦ |
| ୫. | ମାଣ୍ଡିଆ | | ୫୪୦ | ୬୦୦ |
| ୬. | ହରଡ଼ | | ୧୪୧୦ | ୧୫୫୦ |
| ୭. | ମୁଗ | | ୧୫୨୦ | ୧୭୦୦ |
| ୮. | ବିରି | | ୧୫୨୦ | ୧୭୦୦ |
| ୯. | କପା | ଏଫ୍-୪୧୪/ ଏଚ୍-୭୭ | ୧୭୬୦ | ୧୮୦୦ |
| | | ଏଚ୍-୪ | ୧୯୯୦ | ୨୦୩୦ |
| ୧୦. | ଚିନାବାଦାମ (ଚୋପାଯୁକ୍ତ) | | ୧୫୨୦ | ୧୫୫୦ |
| ୧୧. | ସୂର୍ଯ୍ୟମୁଖୀ ମଞ୍ଜି | | ୧୫୦୦ | ୧୫୧୦ |
| ୧୨. | ସୋୟାବିନ୍ | କଳା | ୯୦୦ | ୯୧୦ |
| | | ହଳଦିଆ | ୧୦୨୦ | ୧୦୫୦ |
| ୧୩. | ରାଶି | | ୧୫୬୦ | ୧୫୮୦ |
| ୧୪. | ଅଳସୀମଞ୍ଜି | | ୧୨୨୦ | ୧୨୪୦ |

**ରବି ଫସଲ**

| କ୍ରମ ସଂଖ୍ୟା | ଶସ୍ୟର ନାମ | କିସମ | ୨୦୦୬-୦୭ (କ୍ୱିଣ୍ଟାଲପ୍ରତି ଦର) ଟଙ୍କାରେ | ୨୦୦୭-୦୮ (କ୍ୱିଣ୍ଟାଲପ୍ରତି ଦର) ଟଙ୍କାରେ |
|---|---|---|---|---|
| ୧୫. | ଗହମ | | ୭୫୦ SS | ୧୦୦୦ *ବୋନସ ଟଙ୍କା |
| ୧୬. | ବାର୍ଲି | | ୫୬୫ | ୬୫୦ |
| ୧୭. | ବୁଟ | | ୧୪୪୫ | ୧୬୦୦ |
| ୧୮. | ମସୁର | | ୧୫୪୫ | ୧୭୦୦ |
| ୧୯. | ସୋରିଷ-ରାଇ | | ୧୭୧୫ | ୧୮୦୦ |
| ୨୦. | କୁସୁମୀ | | ୧୫୬୫ | ୧୬୫୦ |
| ୨୧. | ତୋରିଆ | | ୧୬୮୦ | - |
| **ଅନ୍ୟାନ୍ୟ ଫସଲ** | | | | |
| ୨୨. | ଶୁଖିଲା ନଡ଼ିଆ | ପେଡ଼ାପାଇଁ | ୩୫୯୦ | ୩୬୨୦ |
| | | ଗୋଟା ନଡ଼ିଆ | ୩୮୪୦ | ୩୮୭୦ |
| ୨୩. | ଝୋଟ | ଟି.ଡ଼ି.୫ | ୧୦୦୦ | ୧୦୫୫ |
| ୨୪. | ଆଖୁ | | ୮୦.୨୫ | ୮୧.୧୮ |
| ୨୫. | ଧୂଆଁପତ୍ର (କି.ଗ୍ରା.ପ୍ରତି) | କଳାମାଟି | ୩୨.୦୦ | ୩୨.୦୦ |
| | | ହାଲ୍କା ମାଟି | ୩୪.୦୦ | ୩୪.୦୦ |




❖ ❖ ❖

# ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ଥିବା ଧାନ ସଂଗ୍ରହ କେନ୍ଦ୍ର

## ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଚିହ୍ନିତ ଧାନସଂଗ୍ରହ କେନ୍ଦ୍ର

### ଜିଲ୍ଲା : ସୁନ୍ଦରଗଡ଼

**ଲେଭି ସ୍କିମ୍* ମାଧ୍ୟମରେ କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ**

♦ ବିସ୍ରା ♦ ଖୁଣ୍ଟଗାଁ ♦ ଲାଠିକଟା ♦ ରାଲଡିହି
♦ ତେଲିପାଲି ♦ ବିଳେଇମୁଣ୍ଡା ♦ ମାଣ୍ଡିଆକୁଦର ♦ ବାରଗାଁ
♦ ଗୋପନା ♦ ଟନ୍ଲିଆପାଲି

***ଲେଭି ସ୍କିମ୍ କ'ଣ ?**

ସରକାରଙ୍କ ଦ୍ୱାରା ଚାଷୀମାନଙ୍କଠାରୁ ମୁଖ୍ୟତଃ ଦୁଇଟି ଉପାୟରେ ଧାନ ସଂଗ୍ରହ କରାଯାଇଥାଏ । ପ୍ରଥମ ସ୍ତରରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ବିନିମୟରେ ଓଡ଼ିଶା ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତଥା ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ସରକାର ଚାଷୀମାନଙ୍କଠାରୁ ସିଧାସଳଖ ଧାନ ସଂଗ୍ରହ କରନ୍ତି । ସଂଗୃହିତ ଧାନର ମିଲ୍‌ରେ ପ୍ରକ୍ରିୟା କରଣ ପରେ ଏହାକୁ ଭାରତୀୟ ଖାଦ୍ୟ ନିଗମକୁ ଦେବାର ଦାୟିତ୍ୱ ଓଡ଼ିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ ଉପରେ ନ୍ୟସ୍ତ ଥାଏ । ଅନ୍ୟ ପକ୍ଷରେ, ଦ୍ୱିତୀୟ ସ୍ତରରେ ନିର୍ଦ୍ଦିଷ୍ଟ ମିଲ୍ ମାଲିକମାନେ ସରକାରଙ୍କ ଏଜେଣ୍ଟ ବା ପ୍ରତିନିଧିରୂପେ ଧାନ ସଂଗ୍ରହ କରନ୍ତି ଓ ଏହାର ୭୫ଶତକଡ଼ା ଚାଉଳ ତିଆରି କରି ଭାରତୀୟ ଖାଦ୍ୟ ନିଗମକୁ ଦେଇ ଅବଶିଷ୍ଟ ୨୫ଶତକଡ଼ା ଖୋଲାବଜାରରେ ବିକ୍ରି ପାଇଁ ଛାଡ଼ନ୍ତି । ଏହାକୁ 'ଲେଭି ସ୍କିମ୍' କହନ୍ତି । ଅର୍ଥାତ୍, ମିଲର୍‌ମାନେ ଲେଭି ସ୍କିମ୍ ମାଧ୍ୟମରେ ଧାନ କିଣନ୍ତି ।

**ଓଡ଼ିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ (ଓଏସ୍‌ସିଏସ୍‌ସି) ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ**

♦ ବନ୍ଧପାଲି ♦ କନ୍ଧବାହାଲ ♦ ତୁଡ଼ଲଗା ♦ ରତାଖଣ୍ଡି

**ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ**

♦ ଶଙ୍କରା

**ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍) ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ**

♦ ଭେଡ଼ାବାହଲ ♦ କୁଣ୍ଡୁକେଲା ♦ କରମଡିହି ♦ ରମିରପୁର
♦ ମଝାପଡ଼ା ♦ ବାରଗାଁ ♦ ଇଟମା ♦ ସହଜବାହାଲ
♦ ବମ୍ରାକଚ୍ଛର ♦ ବିରିଂଗାଟୋଲି ♦ କୁଟ୍ରା ♦ ପାଞ୍ଚରା
♦ କେସରମାଲ ♦ ଲାଇଙ୍ଗ୍ ♦ ସୋଲେ ♦ ଜରଦା
♦ ବିରିବିରା ♦ କିଞ୍ଜିରମା ♦ ମହୁଲପାଲି ♦ ସାନପତ୍ରାପାଲି
♦ କିଞ୍ଜିରିକେଲା ♦ ବନ୍ଧବାହାଲ ♦ ରାଜପୁର ♦ କୁଲବା
♦ ଉଜ୍ଜଳପୁର ♦ ସବ୍‌ଡେଗା ♦ ଯମୁନା ♦ ବାଲିଶଙ୍କରା
♦ ଡୁମଲିଆ ♦ କିରାଟାଗେ ♦ ସରଗିପାଲି ♦ ଦରଲିପାଲି
♦ ଲେଫ୍ରିପଡ଼ା ♦ ଡୁମାବାହାଲ ♦ ଗୁଣ୍ଡିଏଡ଼ିଲ୍ ♦ ହେମଗିର
♦ ଗରଜନଜୋର ♦ ଟୋପରିଆ ♦ ଗୋପାଳପୁର ♦ ଡୁମଲିଆ
♦ କୁଆରମୁଣ୍ଡା ♦ କାଟାରୁ ♦ ରାଇବେଗା ♦ ଝୁରମୁର୍
♦ ହାତୀବାରି ♦ ସୋରଡ଼ା ♦ ନୂଆଗାଁ ♦ ଖୁନିଗାଁ
♦ କାଲୁଗାଁ ♦ ବଳଙ୍ଗା ♦ ଲାଠିକଟା ♦ ବିଶ୍ରା
♦ ଜାରେଲକେଲା ♦ ବାଙ୍କୀ ♦ ଲହୁଣୀପଡ଼ା ♦ ଶଙ୍ଖପୋଷ
♦ ଦରଜିଙ୍ଗ୍ ♦ ବିମ୍‌ଲାଗଡ଼ ♦ ଗୋପନା ♦ ଖୁଣ୍ଟଗାଁ
♦ କୁରୁଦା ♦ ବଣାଇଗଡ଼ ♦ ଜେକୋକେଟ ♦ ରୁଗୁଡ଼ା
♦ ତେନ୍ଦ୍ରା

### ଜିଲ୍ଲା : କୋରାପୁଟ

**ମିଲରମାନଙ୍କ ଦ୍ୱାରା କିଣାଯାଉଥିବା ସଂଗ୍ରହ କେନ୍ଦ୍ରର ନାମ**

♦ ଫାମ୍ପୁନି ♦ କାଲିଗାଁ ♦ ଡୋଙ୍ଗରଛିଞ୍ଚି ♦ କୋଙ୍ଗା
♦ କୁମ୍ଭିପୁଟ ♦ ଜୟନ୍ତଗିରି ♦ କୁନ୍ଦ୍ରା ♦ ଡଙ୍ଗରପାଉଁଶି
♦ ପ୍ରଧାଗୁଡ଼ା ♦ ତୋରାପୁଟ ♦ ଦିଗାପୁର ♦ ବୈପାରୀଗୁଡ଼ା
♦ ଦଶମନ୍ତପୁର ♦ ବାଲିଗାଁ ♦ ଦୋଣ୍ଡାବାଡ଼ି ♦ ରାମଗିରି
♦ କୋଟପାଡ଼ ♦ ବଟାସନ ♦ କୁସୁମି ♦ ବବିଆ
♦ ବୋରୀଗୁମ୍ମା ♦ ନୂଆଗାଁ ♦ ରଣସପୁର ♦ ହରଦଲି
♦ କାମରା ♦ କେଶୀରଗୁଡ଼ା ♦ କଟମା/କୁମୁଲି ♦ ଚାଦିଲି

## ପ୍ରାଥମିକ କୃଷି ସମବାୟ ସମିତି (ପିଏସିଏସ୍) ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ

♦ କୁନ୍ଦ୍ରା ♦ କୋଟପାଡ଼ ♦ ବୋରୀଗୁମ୍ମା ♦ କୁମୁଲିପୁଟ

## ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ

♦ କୋଟପାଡ଼ ♦ ବୋରୀଗୁମ୍ମା ♦ ଜୟପୁର

## ଓଡ଼ିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ (ଓଏସ୍‌ସିଏସ୍‌ସି) ଦ୍ୱାରା କରାଯାଉଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ

♦ କୋଟପାଡ଼ ♦ ବୋରୀଗୁମ୍ମା ♦ ଜୟପୁର ♦ ବୈପାରୀଗୁଡ଼ା
♦ କୁନ୍ଦ୍ରା

## ଜିଲ୍ଲା : କଟକ
## ବିଭିନ୍ନ ବ୍ଲକ୍‌ରେ ଥିବା ଧାନ ସଂଗ୍ରହ କେନ୍ଦ୍ରର ନାମ

### ବଇଁଚୁଆ, ଟାଙ୍ଗୀ

♦ କୁସୁପୁର ♦ ରାଇସୁଙ୍ଗୁଡ଼ା ♦ ଟାଙ୍ଗୀ ♦ ବିଶ୍ୱନାହାକାଣି
♦ ଶଙ୍କରପୁର ♦ ବ୍ରାହ୍ମଣଝରିଲୋ ♦ ଖଲରଦା ♦ ମହୀଧରପଡ଼ା
♦ ବଡ଼ମ୍ବା ♦ ନରସିଂହପୁର ♦ ଆଠଗଡ଼ ♦ ଖୁଣ୍ଟୁଣି
♦ ଗୋବିନ୍ଦପୁର ♦ ଟାଙ୍ଗୀ ♦ କେସପୁର ♦ ସମସରପୁର
♦ କୁଳିଆ ♦ ଓରନ୍ଦା

### କୁଷପାଙ୍ଗୀ, ଆଠଗଡ଼

♦ ନୂଆପାଟଣା ♦ ଆଠଗଡ଼ ♦ ରତାଗଡ଼ ♦ ବାଙ୍କୀ
♦ ଜାଟୁସୁଡ଼ିଆ

### ମାହାଙ୍ଗାପଡ଼ା, ନିଆଳୀ

♦ ଅଡସପୁର ♦ ଗୋବିନ୍ଦପୁର ♦ ନିଆଳୀ ♦ ବିଳାଶୁଣି
♦ କପାସି ♦ କସରଦା ♦ ବେଣ୍ଟକାର ♦ କିଶୋରନଗର
♦ ପାଗା ♦ କନ୍ଦରପୁର ♦ ପାଟପୁର

**ଆମ ରାଜ୍ୟରେ ପ୍ରାୟ ୪୪ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯାଇ ୭୦ରୁ ୭୫ ଲକ୍ଷ ଟନ୍ ଧାନ ଅମଳ କରାଯାଉଛି । କିନ୍ତୁ ଉନ୍ନତ ପ୍ରଣାଳୀରେ ଏହି ଚାଷ କରାଯିବା ଦ୍ୱାରା ପ୍ରାୟ ୧୫୦ଟନ୍ ଧାନ ଅମଳ କରାଯାଇପାରିବ ।**

## ଜିଲ୍ଲା : ମୟୂରଭଞ୍ଜ

| ବ୍ଲକ୍ | ବିକ୍ରୟ କେନ୍ଦ୍ର | ବ୍ଲକ୍ | ବିକ୍ରୟ କେନ୍ଦ୍ର |
|---|---|---|---|
| ♦ ବାରିପଦା | ବାରିପଦା(ତକତପୁର) | ♦ ବିସୋଇ | ବିସୋଇ |
| ♦ ବରସାହି | ମାନଗୋବିନ୍ଦପୁର | | ମାନଦା |
| | ବରସାହି | ♦ ରାଇରଙ୍ଗପୁର | ଗୋରୁମାବିଶାଣି |
| | ପ୍ରତାପପୁର | | ସାନପଖନା |
| ♦ ବେତନଟି | ବାଇସିଗାଁ | | ପୁରୁଣାପାଣି |
| | ମେରଦା | ♦ ଠାକୁରମୁଣ୍ଡା | କେନ୍ଦୁଜିଆଣି |
| | ବେତନଟି | | ମହୁଲଡ଼ିହ |
| ♦ ମୋରଡ଼ା | ମୋରଡ଼ା | | ଠାକୁରମୁଣ୍ଡା |
| ♦ ରାସଗୋବିନ୍ଦପୁର | ରାସଗୋବିନ୍ଦପୁର | ♦ ଯଶୀପୁର | ଟାଙ୍ଗବିଲା |
| ♦ ସାମାଖୁଣ୍ଟା | ସାମାଖୁଣ୍ଟା | | ଯଶୀପୁର |
| ♦ ସୁଳିଆପଦା | ଦେଉଳୀ | | ମାଟିଆଗଡ଼ |
| ♦ କୁଳିଅଣା | କୁଳିଅଣା | ♦ ସୁକ୍ରୁଳି | ସୁକ୍ରୁଳି |
| | ଡୁମୁରଡିହ | | ଭ୍ରମରପୋଶି |
| ♦ ସରସକଣା | ସରସକଣା | ♦ କରଞ୍ଜିଆ | ଟାଟୋ |
| | ଝାଡ଼ପୋଖରୀଆ | | କରଞ୍ଜିଆ |
| ♦ ବାଙ୍ଗିରିପଶି | ବାଙ୍ଗିରିପଶି | | ସିଙ୍ଗଡ଼ା |
| | ପ୍ରତାପପୁର | | କେରେକେରା |
| | ଧାଙ୍ଗରିସୋଲ୍ | ♦ ରରୁଆଁ | ଅଙ୍ଗରପଡ଼ା |
| ♦ ତିରିଙ୍ଗ୍ | ତିରିଙ୍ଗ୍ | | ରରୁଆଁ |
| | ବଡ଼ତାଳିମ | | ରୁଗୁଡ଼ିବେଡ଼ା |
| ♦ ବହଳଦା | ବହଳଦା | ♦ ଉଦଳା | ରାଢ଼ୋ |
| | ଝରଡିହି | | ଚୁଲାପଶି |
| | ବାସିଙ୍ଗୀ | ♦ କପ୍ତିପଡ଼ା | କପ୍ତିପଡ଼ା |
| ♦ ଯାମଡ଼ା | ଯାମଡ଼ା | | ପୋଡ଼ାଡିହ |
| | ଯାରକଣି | | ଝିଙ୍କପଡ଼ା |
| | ହାରଲାବେଡ଼ା | ♦ ଜି.ବି.ନଗର | ପଶୁଡ଼ା |
| ♦ କୁସୁମି | ବାଦାମପାହାଡ଼ | | ପୁରୁଣାବାରିପଦା |
| | ହାଟବଡ଼ଡା | ♦ ଖୁଣ୍ଟା | ଡୁକୁର |
| | ଜୟପୁର | | ବଡ଼ଫେଣି |
| ♦ ବିଜତାଲା | ବିଜତାଲା | | ବୃନ୍ଦାବନ ଚନ୍ଦ୍ରପୁର |
| | ବାଦାମତଳିଆ | | |
| | ସରଗଡ଼ | | |

## ଏନ୍‌ସିଏମ୍‌ଏସ୍‌ଏଲ୍‌ର ଧାନସଂଗ୍ରହ କେନ୍ଦ୍ର

### ଜିଲ୍ଲା : କଟକ

♦ ଅଡସପୁର ♦ ବାଙ୍କୀ ♦ ଗୋପପୁର ♦ ଗୋପୀନାଥପୁର
♦ କଳାପଥର ♦ କଣ୍ଟାପଡ଼ା ♦ ମାହାଙ୍ଗା ♦ ନରସିଂହପୁର

### ଜିଲ୍ଲା : କେନ୍ଦୁଝର

♦ ଆନନ୍ଦପୁର ♦ ଚମ୍ପୁଆ ♦ ହାଟଡିହ ♦ କେନ୍ଦୁଝର
♦ କୂଳିଗାଁ ♦ ଓରଳାଇ ♦ ସାଦନା ♦ ଶାଳିନିଆ

### ଜିଲ୍ଲା : କୋରାପୁଟ

♦ ବୈପାରୀଗୁଡ଼ା ♦ ବୋରୀଗୁମ୍ମା ♦ ଜୟପୁର ♦ କୋଟପାଡ଼

### ଜିଲ୍ଲା : ମୟୁରଭଞ୍ଜ

♦ ବଇଶିଙ୍ଗା ♦ ବାଙ୍ଗିରିପୋଷି ♦ ବେତନଟି ♦ କରଞ୍ଜିଆ
♦ ପୁରୁଣା ବାରିପଦା ♦ ରାସଗୋବିନ୍ଦପୁର ♦ ଉଦଳା

ଏତଦ୍‌ବ୍ୟତୀତ ଏନ୍‌ସିଏମ୍‌ଏସ୍‌ଏଲ୍ ମଧ୍ୟ ଅନ୍ୟ ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ କେନ୍ଦ୍ର ଖୋଲିଛି, ଯଥା : ସୁବର୍ଣ୍ଣପୁର, ସମ୍ବଲପୁର, ରାୟଗଡ଼ା, ପୁରୀ, ନୂଆପଡ଼ା, ନୟାଗଡ଼, ନବରଙ୍ଗପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, କଳାହାଣ୍ଡି, ଝାରସୁଗୁଡ଼ା, ଯାଜପୁର, ଜଗତସିଂହପୁର, ଗଞ୍ଜାମ, ବଲାଙ୍ଗିର, ଭଦ୍ରକ, ବରଗଡ଼ ଓ ବାଲେଶ୍ୱର ।

❖ ❖ ❖

## ‘କୃଷକ ପରିଚୟ ପତ୍ର’ କଥା ଚାଷୀ ଜାଣିନାହିଁ !

ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ଓ ସରକାରଙ୍କ ଅନୁମୋଦିତ ବେସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଖୋଲାଯାଇଥିବା ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଚାଷୀମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ କିଣିବାର ବ୍ୟବସ୍ଥା ଥିଲେ ମଧ୍ୟ ବହୁ ଚାଷୀ ଏ ସୁବିଧାରୁ ବଞ୍ଚିତ ହେଉଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକିବାକୁ ହେଲେ ଚାଷୀର ‘କୃଷକ ପରିଚୟ ପତ୍ର’ର ଆବଶ୍ୟକତା ଥାଏ ବୋଲି ଏକଥା ପ୍ରାୟ ଚାଷୀ ଜାଣିନାହାନ୍ତି । ଚାଷୀର ଏହି ଅଜ୍ଞତାର ଫାଇଦା ନେଇ ଦଲାଲ୍ ଓ ମିଲର୍‌ମାନେ ଚାଷୀମାନଙ୍କୁ ଶୋଷଣ କରିଚାଲିଛନ୍ତି । ଏପରି ଏକ ଦୃଷ୍ଟାନ୍ତ ନଜରକୁ ଆସିଥିଲା ସମ୍ବଲପୁର ଜିଲ୍ଲାର ନୂଆମୁଣ୍ଡା ଅଞ୍ଚଳରେ । ତେବେ ଏପରି ଆଉ କେତେକ ନଜର ରହିଛି, ତାହା ପଦାକୁ ଆସିପାରି ନାହିଁ ।

ମସିହା ୨୦୦୭ ମାର୍ଚ୍ଚ ୧ରେ ପ୍ରକାଶିତ ଦୈନିକ ଇଂରାଜୀ ପତ୍ରିକା ‘ଦି ନିୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍’ର ପୃଷ୍ଠା ୫ର ଏକ ବିବରଣୀ ଅନୁସାରେ ନୂଆମୁଣ୍ଡା ଅଞ୍ଚଳର ଚାଷୀମାନେ, ଯିଏ କେବେବି ହାଟକୁ ଧାନ ବିକ୍ରି କରିବାକୁ ଯାଇନାହାନ୍ତି, ସେମାନଙ୍କ ନାଁରେ ଧାନ ସଂଗ୍ରହ କରାଯାଇଛି । ସମ୍ବଲପୁର ଜିଲ୍ଲାପାଳଙ୍କ ଆଦେଶାନୁସାରେ ଗଠିତ ଏକ ଅନୁସନ୍ଧାନକାରୀ ଦଳ ଜାଣିବାକୁ ପାଇଛନ୍ତି ଯେ ଏକ ଚାଉଳ ମିଲ୍‌କୁ ୧୯୬ ବସ୍ତା ଧାନ କୃଷକମାନଙ୍କର ଜାଲ୍ ନାଁ ନେଇ ବିକ୍ରି କରାଯାଇଛି ।

ଏହି ଅନୁସନ୍ଧାନକାରୀ ଦଳ ଦେଇଥିବା ବିବରଣୀ ଅନୁସାରେ ରାଜସ୍ୱ ବିଭାଗଦ୍ୱାରା ପ୍ରଦତ୍ତ ‘କୃଷକ ପରିଚୟ ପତ୍ର’ ବିଷୟରେ ଚାଷୀମାନେ ଜାଣି ନାହାନ୍ତି । ଅନ୍ୟ ପକ୍ଷରେ ଦଲାଲ୍‌ମାନେ ଏହି ପରିଚୟ ପତ୍ରକୁ ବ୍ୟବହାର କରି ମିଲର୍‌ମାନଙ୍କୁ ଧାନ ବିକ୍ରି କରୁଛନ୍ତି । ଅନୁସନ୍ଧାନକାରୀ ଦଳ ଏହା ମଧ୍ୟ ଜାଣିବାକୁ ପାଇଥିଲେ ଯେ, ମିଲର୍ ଓ ଦଲାଲ୍‌ମାନେ ସେମାନଙ୍କଦ୍ୱାରା କରାଯାଉଥିବା ଧାନ ସଂଗ୍ରହକୁ ଯୁକ୍ତିଯୁକ୍ତ ପ୍ରମାଣ କରିବା ପାଇଁ ଦସ୍ତାବିଜ୍‌ରେ ବିଭିନ୍ନ ପ୍ରକାର ହେର୍‌ଫେର୍ କରୁଛନ୍ତି ।

ଅଧିକାଂଶ କ୍ଷେତ୍ରରେ ଚାଷୀମାନେ ଦଲାଲ୍‌ମାନଙ୍କୁ ଜମି ଲିଜ୍ ସୂତ୍ରରେ ଦେଇଥାଆନ୍ତି । ଏହି ଲିଜ୍‌ଧାରୀ ଦଲାଲ୍‌ମାନେ ନିଜ ନାଁରେ ‘କୃଷକ ପରିଚୟ ପତ୍ର’ ସଂଗ୍ରହ କରି ଧାନ ବିକ୍ରିବେଳେ ବ୍ୟବହାର କରନ୍ତି । ପରିଣତିରେ, ପ୍ରକୃତ ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାର ଅଧିକାରରୁ ବଞ୍ଚିତ ହୋଇଥାଏ । ଏ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଜରୁରୀ ।

## ଧାନର ସହାୟକ ମୂଲ୍ୟ ବଢ଼ିବ ନାହିଁ

ସାଧାରଣ କିସମ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୮୫୦ ଟଙ୍କା ରୁ ୧୦୦୦ଟଙ୍କା ବୃଦ୍ଧି କରିବା ପ୍ରସ୍ତାବକୁ ପ୍ରଧାନ ମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ପକ୍ଷରୁ ନାପସନ୍ଦ କରିବା ସହ ଚଳିତ ବର୍ଷ ଏହି ମୂଲ୍ୟ ୮୫୦ଟଙ୍କାରେ ଅପରିବର୍ତ୍ତିତ ରଖିବାକୁ କୁହାଯାଇଛି ।

*ସମାଜ - ୦୩.୦୮.୦୮*

**ଏଥିରେ ଅଛି ...**

◆ ସଂପାଦକୀୟ : ଚାଷରେ ଲାଭ ଦେଶକୁ ଶୁଭ ◆ ବିପର୍ଯ୍ୟସ୍ତ କୃଷି : ସମାଧାନର କିଛି ବିକଳ୍ପ ଦିଗ ◆ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଏହାର ଉପାଦେୟତା ◆ ସର୍ବଭାରତୀୟ ସ୍ତରରେ ବିଭିନ୍ନ ଉତ୍ପାଦିତ ଫସଲ ପାଇଁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ ◆ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ଥିବା ଧାନ ସଂଗ୍ରହ କେନ୍ଦ୍ର ◆ ଧାନ ଦେବେ।

## ପ□ାୟତିରାଜ ସଂବନ୍ଧୀୟ ଆମ ପ୍ରକାଶନ

| | | | |
|---|---|---|---|
| ୧. | ଗ୍ରାମସ୍ୱରାଜ (ମାସିକ) | ପ୍ରତି ଖଣ୍ଡ ଟ. | ୫.୦୦ |
| | (ପ□ାୟତିରାଜର ବା□ାବହ) | ବାର୍ଷିକ ଟ. | ୫୦.୦୦ |
| ୨. | ଜାଣିଲେ ଜିଣିବା (୧ମ ଭାଗ) | ଟ. | ୧୦.୦୦ |
| | (ନିର୍ବାଚନ ସଂପର୍କରେ ଭୋଟରମାନଙ୍କ ଜାଣିବା କଥା) | | |
| ୩. | ଜାଣିଲେ ଜିଣିବା (୨ୟ ଭାଗ) (ପ□ାୟତ ପ୍ରତିନିଧିମାନଙ୍କ ଜାଣିବା କଥା) | ଟ. | ୨୦.୦୦ |
| ୪. | ଭୋଟ୍ ଦାନର ଅ, ଆ, ଇ.... (ଭୋଟର ସହାୟିକା ପୁସ୍ତିକା) | ଟ. | ୧୦.୦୦ |
| ୫. | ପୋଷ୍ଟର : | ପ୍ରତି ଖଣ୍ଡ ଟ. | ୨.୦୦ |
| | ପଲ୍ଲୀସଭା, ଗ୍ରାମସଭା, ପଲ୍ଲୀସଭା କାହିଁକି କରିବା, ନେତା ବାଛିବା କାହାକୁ ? | | |
| | ପ□ାୟତିରାଜରେ ମହିଳା, ଆମ ପ□ାୟତର ସମ୍ବଳ, ଆସୁଛି ନିର୍ବାଚନ-ସାବଧାନ, | | |
| | ସୂଚନା ପାଇବା ଆମ ଅଧିକାର | ପ୍ରତି ଖଣ୍ଡ ଟ. | ୩.୦୦ |
| | ଗୋପନୀୟତାର ଯୁଗ ସରିଲା | ପ୍ରତି ଖଣ୍ଡ ଟ. | ୩.୦୦ |
| ୬. | ଆମେ କରିବା ଆମ ଶାସନ (ଭିଡ଼ିଓ ସି.ଡ଼ି.) | ଟ. | ୧୦୦.୦୦ |
| ୭. | ପଲ୍ଲୀସଭା (ଭିଡ଼ିଓ ସି.ଡ଼ି.) | ଟ. | ୫୦.୦୦ |
| | ଗ୍ରାମସଭା (ଭିଡ଼ିଓ ସି.ଡ଼ି.) | ଟ. | ୫୦.୦୦ |
| ୮. | ଆମ ହାତେ ଆମ ଶାସନ ଡୋରୀ (ଅଡ଼ିଓ କ୍ୟାସେଟ୍ - ସଂଗୀତ, ପାଲା) | ଟ. | ୨୦.୦୦ |
| ୯. | ସ୍ୱରାଜପଥେ (ଗ୍ରାମସ୍ୱରାଜର ସଂକ୍ଷିପ୍ତ ସମାହାର) | ଟ. | ୩୦.୦୦ |
| ୧୦. | ସ୍ୱରାଜ ସାଥୀ (ପ□ାୟତିପ୍ରତିନିଧିମାନଙ୍କ ସଫଳ କାହାଣୀ) | ଟ. | ୧୫.୦୦ |
| ୧୧. | ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ ୨୦୦୫ | ଟ. | ୨୦.୦୦ |
| ୧୨. | ସୂଚନା ଅଧିକାର ସହାୟକ ପୁସ୍ତିକା | ଟ. | ୮.୦୦ |
| ୧୩. | ସୂଚନା ଅଧିକାର (ଭିଡ଼ିଓ ସି.ଡି) | ଟ. | ୬୦.୦୦ |

*ଏହି ପତ୍ରିକା ନିୟମିତ ପାଇବା ପାଇଁ ସହଯୋଗ ରାଶି ନିମ୍ନ ଠିକଣାରେ ପଠାନ୍ତୁ :*


**ଗ୍ରାମସ୍ୱରାଜ**

ମାର୍ଫତ୍ - ସି.ୱାଇ.ଏସ୍.ଡି.

ଇ-୧, ଇନ୍ଷ୍ଟିଚ୍ୟୁସନାଲ୍ ଏରିଆ, ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧ ୦୧୩


*ଜାଣିରଖନ୍ତୁ : ସହଯୋଗ ରାଶି ମନିଅର୍ଡର ଯୋଗେ ପଠାଇବା ପାଇଁ ଅନୁରୋଧ । କୁପନରେ ନିଜର ପୁରା ଠିକଣା ଲେଖିବାକୁ ଭୁଲନ୍ତୁ ନାହିଁ । ଯେଉଁ ଅନୁଷ୍ଠାନ ଏହି ପତ୍ରିକା ବହୁ ସଂଖ୍ୟାରେ ନେବାକୁ ଚାହୁଁଛନ୍ତି, ସେମାନେ ଉପଯୁକ୍ତ ପରିମାଣର ସହଯୋଗ ରାଶି ସହିତ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।*

*(ବ୍ୟକ୍ତିଗତ ଲେଖାରେ ମତାମତ ପାଇଁ ସମ୍ପାଦିକା ଦାୟୀ ନୁହଁନ୍ତି)*

~~4th Cover~~

## ଧାନଦେବ...

ଆଗାମୀ ୫ ବର୍ଷ ମଧ୍ୟରେ ଭାରତରେ ଅଧିକ ୧୦ ନିୟୁତ ଟନ୍ ଚାଉଳର ଉତ୍ପାଦନ ଯୋଜନା ଥିବା ବେଳେ ଜମିର ପରିମାଣ ଅନୁସାରେ ଓଡ଼ିଶାର ଭାଗ, ପ୍ରାୟ ୧ ନିୟୁତ ଟନ୍ ବା ୧୦ ଲକ୍ଷ ନିୟୁତ ଟନ୍ । ବର୍ଷକୁ ୨ ଲକ୍ଷ ଟନ୍ ଅଧିକ ଚାଉଳ ବା ୨.୮ ଲକ୍ଷ ଟନ୍ ଧାନ ଆମକୁ ଉତ୍ପାଦନ କରିବାକୁ ପଡ଼ିବ । ଯଦି ଏବେଠାରୁ ଖାଦ୍ୟ ନିରାପତ୍ତା ପାଇଁ ଠିକଣା ପଦକ୍ଷେପ ନିଆ ନଯାଏ, ଏକାଦଶ ପଞ୍ଚବାର୍ଷିକ ଯୋଜନା ଶେଷ ବେଳକୁ ଆମେ ଖାଦ୍ୟଶସ୍ୟ ପାଇଁ ଅନ୍ୟ ରାଜ୍ୟର ଦ୍ୱାରସ୍ଥ ହେବା ।

## ପ ାୟତିରାଜ ସମ୍ବନ୍ଧୀୟ ଆମ ପ୍ରକାଶନ



*ବିଷୟ :*
ଗ୍ରାମୀଣ ପରିବାର ପାଇଁ
କାମ ପାଇବାର ଅଧିକାର

*ମୂଲ୍ୟ :*
ଟ. ୨୦/- (କୋଡ଼ିଏ ଟଙ୍କା ମାତ୍ର)

ଏଥିରେ ଅଛି –
- କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଅଧିନିୟମ
- କାର୍ଯ୍ୟଦାବୀ
- ଜବ୍ କାର୍ଡ଼
- ବେରୋଜଗାରୀ ଭ☐ା ଇତ୍ୟାଦି

*ବିଷୟ :*
ସୂଚନା ପାଇବାର ଅଧିକାର

*ମୂଲ୍ୟ :*
ଟ. ୮/- (ଆଠ ଟଙ୍କା ମାତ୍ର)

ଏଥିରେ ଅଛି –
- ସୂଚନା ମାଗିବା କିପରି ?
- ଅପିଲ୍ କରିବା କିପରି ?
- ସୂଚନା ନ ମିଳିଲେ କ'ଣ କରିବା ?



ପାଠକୀୟ ସହଯୋଗ : ପ୍ରତିଖଣ୍ଡ (୧୬ ପୃଷ୍ଠା) - ଟ.୫/-, ବାର୍ଷିକ ଟ.୫୦/-

ସି.ୱାଇ.ଏସ୍.ଡି., ଭୁବନେଶ୍ୱର-୧୩ ଦ୍ୱାରା ପ୍ରକାଶିତ ଓ ପ୍ରସାରିତ

ସଂପାଦିକା : **ନିରୁପମା ରଥ**

**PRINTED BOOK**

ପ୍ରାପକ :

ପ୍ରେରକ :
**ସଂପାଦିକା, 'ଗ୍ରାମସ୍ୱରାଜ'**
ସି.ୱାଇ.ଏସ୍.ଡି.
ଫରଚୁନ୍ ଟାୱାର ସାମ୍ନା,
ଇ-୧, ଇନଷ୍ଟିଚ୍ୟୁସନାଲ୍ ଏରିଆ
ଗଂଗାଧର ମେହେର ମାର୍ଗ
ଭୁବନେଶ୍ୱର - ୭୫୧ ୦୧୩
ଦୂରଭାଷ : ୦୬୭୪-୨୩୦୧୭୨୫